୬ ସର୍ବାଧିକ ବଲ ବାକି ଥାଇ ଜିତିବାରେ ବିଶ୍ୱର ପ୍ରଥମ ଦଳ ହେଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୨୨୫ ● ୧୨ ସେପ୍ଟେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-225 ● 12th September 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




## ସାର ଯୋଗାଣ ସ୍ଥିତିର ସମୀକ୍ଷା

# ରାଜ୍ୟରେ ସାରର କୌଣସି ଅଭାବ ନାହିଁ

ଭୁବନେଶ୍ୱର, ୧୧।୯
ନ୍ୟୁଜ୍ ବ୍ୟୁରୋ



ଗୁରୁବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରି ସମସ୍ତ ଜିଲ୍ଲାରେ ଥିବା ପାକ୍ସ ଏବଂ ଲାମ୍ପ୍ସ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ (ମନିଟରିଂ) କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରକାର କଳାବଜାରୀ କିମ୍ବା ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସ୍ଥାନରେ ସାରକୁ ଜବତ ନକରି ସେହି ସାରକୁ ନିକଟସ୍ଥ ପାକ୍ସ କିମ୍ବା ଲାମ୍ପ୍ସକୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ରାଜ୍ୟରେ ସାରର କୌଣସି ଅଭାବ ନାହିଁ। ସମସ୍ତ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର ଆବଣ୍ଟନ କାର୍ଯ୍ୟ ସୁରୁଖୁରରେ ଚାଲିଛି । ସୂଚନା ଅନୁଯାୟୀ, ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ଏହି ପରିମାଣର ସାର ଆବଣ୍ଟନ କରିଛନ୍ତି । ଆବଶ୍ୟକ ହେଲେ ଅଧିକ ସାର ପାଇଁ ଅନୁରୋଧ କରାଯିବ । ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ ଥିବା ୧୧,୬୬,୭୩୩ ମେଟ୍ରିକ ଟନ ସାର ମଧ୍ୟରୁ ୯,୮୫,୯୬୭ ମେଟ୍ରିକଟନ ସାର ବିକ୍ରି ହୋଇସାରିଛି।

ବୈଠକରେ, ଜିଲ୍ଲାରେ ସାରର ଷ୍ଟକ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଏବଂ ଲାମ୍ପ୍ସକୁ ବିଭିନ୍ନ ଗ୍ରେଡ଼ର ସାର ଯୋଗାଇଦେବା ପାଇଁ କୃଷି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି, ମାର୍କଫେଡ଼ର ଅଧିକାରୀ ମାନଙ୍କୁ ସାରଯୋଗାଣ ତ୍ୱରାନ୍ୱିତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ *(ପୃଷ୍ଠା ୭ରେ)*

## ଜେନ୍ ଜେଡ୍ ଦୁଇଫାଳ ! ଅନ୍ତରୀଣ ପ୍ରଧାନମନ୍ତ୍ରୀ

# ରେସ୍‌ରେ ଆଉ ଜଣେ ନେତା କୁଲମନ ଘିସିଂ

କାଠମାଣ୍ଡୁ, ୧୧।୯



ନେପାଳରେ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରାଯିବା ପ୍ରତିବାଦରେ ଜେନ-ଜେଡର ଆନ୍ଦୋଳନ ଯୋଗୁ ସରକାରର ପତନ ଘଟିଛି। ଦେଶ ଶାସନ ଡୋର ସମ୍ଭାଳିବା ଲାଗି ଅନ୍ତରୀଣ ସରକାର ଗଠନ ହେବା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଏହା ପୂର୍ବରୁ ଜେନ୍-ଜେଡ୍ ଦୁଇଫାଳ ହୋଇଥିବା ଚର୍ଚ୍ଚା ହେଉଛି। ଅନ୍ତରୀଣ ସରକାର ଗଠନ ଲାଗି ଆଲୋଚନା ସମୟରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି ନେତୃତ୍ୱ ନେବେ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଗୁରୁବାର ଅନ୍ତରୀଣ ସରକାର ଗଠନ ପ୍ରସଙ୍ଗ ନୂଆ ମୋଡ଼ ନେଇଛି।

ଜେନ-ଜେଡ୍ ବିକ୍ଷୋଭକାରୀଙ୍କ ଗୋଟିଏ ଗୋଷ୍ଠୀ ସୁଶୀଳାଙ୍କୁ ସମର୍ଥନ ଦେବାକୁ ଅମଙ୍ଗ ହୋଇଛି। ଏହି ଗୋଷ୍ଠୀ ନେପାଳ ବୈଦ୍ୟୁତିକ ପ୍ରାଧିକରଣ (ଏନଇଏ)ର ପୂର୍ବତନ କାର୍ଯ୍ୟକାରୀ ମୁଖ୍ୟ କୁଲମନ ଘିସିଂଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରିବାକୁ ପ୍ରସ୍ତାବ ଦେଇଛି। ସମ୍ବିଧାନ ସୁଶୀଳାଙ୍କୁ ପ୍ରଧାନମନ୍ତ୍ରୀ ହେବାର ଅଧିକାର ଦେଉନାହିଁ ବୋଲି ଏହି ଗୋଷ୍ଠୀ କହିଛି।

ଜେନ-ଜେଡର ଦୁଇଟି ଗୋଷ୍ଠୀ ମଧ୍ୟରେ ମତଭେଦ ହେବା ବିକ୍ଷୋଭକାରୀଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟକୁ ଦର୍ଶାଇଛି। ସୂଚନାଯୋଗ୍ୟ, ହଜାର ହଜାର ଯୁବଗୋଷ୍ଠୀ ପ୍ରଥମେ ଅନଲାଇନ ଭୋଟିଂ ଜରିଆରେ ସୁଶୀଳାଙ୍କ ନାମକୁ ସମର୍ଥନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯୁକ୍ତିରେ ଦର୍ଶାଯାଇଥିଲା ଯେ ମୁଖ୍ୟ ବିଚାରପତି ଅଥବା ବିଚାରପତି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ।

# ଦୁର୍ନୀତି ରୋକିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର, ୧୧।୯
ନ୍ୟୁଜ୍ ବ୍ୟୁରୋ



ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏ ସମ୍ପର୍କରେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଏ ସମ୍ପର୍କରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଉଲ୍ଲେଖିତ ଏକ ପତ୍ରରେ ଜଣାଇଛନ୍ତି ଯେ, ରାଜ୍ୟ ସରକାର ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକକୈନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧ। ନିକଟରେ ଦୁର୍ନୀତି ନିବାରଣ ବିଭାଗଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକ ସୂଚାଉଛି ଯେ, ଏ କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନାହିଁ ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ଼ ପଦକ୍ଷେପ ଆବଶ୍ୟକ।

ଏ ସମ୍ପର୍କରେ "ସନ୍ଥାନମ କମିଟି" ସୁପାରିଶ ଅନୁସାରେ ବିଭାଗମାନେ ନିଜେ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ମାମଲା ସୃଷ୍ଟି ହେବା ପୂର୍ବରୁ ସେଥିପ୍ରତି ଆଗୁଆ ପଦକ୍ଷେପ ନେବା ବିଶେଷ ଗୁରୁତ୍ୱ ରଖୁଛି । ପ୍ରତିରୋଧାତ୍ମକ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଚାର୍ଲି କର୍କଙ୍କୁ ସ୍ନାଇପର ହତ୍ୟା; ଅସ୍ତ୍ର ମିଳିଲା, ଅଭିଯୁକ୍ତ ଫେରାର।
- ଇଣ୍ଡୋନେସିଆରେ ବନ୍ୟା – ୧୫ ମୃତ, ୧୦ ଲୋକ ନିଖୋଜ।
- ଭାରତ–ମରିସସ୍ ବିଶେଷ ଆର୍ଥିକ ପ୍ୟାକେଜ୍ ଘୋଷଣା।
- ଭାରତ–ଯୁକ୍ତରାଷ୍ଟ୍ର ବାଣିଜ୍ୟ ସମ୍ମିଳନୀ – ପ୍ରଧାନମନ୍ତ୍ରୀ ମୋଦୀ କହିଲେ, ସକ୍ରିୟ ଆଲୋଚନା ଚାଲିଛି।

# ସୁରକ୍ଷାକର୍ମୀଙ୍କ ଗୁଳିରେ ୧୦ ନକ୍ସଲ ନିପାତ

ଗରିଆବନ୍ଧ, ୧୧।୯

ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ୧୦ ଜଣ ନକ୍ସଲ ନିହତ ହୋଇଛନ୍ତି। ନିହତ ନକ୍ସଲଙ୍କ ମଧ୍ୟରେ ରହିଛି ସିସି ସଦସ୍ୟ ମନୋଜ ଓରଫ ମୋଡେମ ବାଲକ୍ରିଷ୍ଣା। ତା'କୁ ଧରିବା ପାଇଁ କୋଟିଏ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଏବେ ସୁରକ୍ଷାକର୍ମୀଙ୍କ ଗୁଳିରେ ତା' ମୁଣ୍ଡ ଗଡ଼ିଛି। ସେ ଓଡ଼ିଶା ଓ ଛତିଶଗଡ଼ ସୀମାରେ ବେଶ ସକ୍ରିୟ ରହିଥିଲା। ଓଡ଼ିଶାର ବିଭିନ୍ନ ନକ୍ସଲ ସଂଗଠନ ପାଇଁ ସେ କାମ କରୁଥିବା ଜଣାପଡ଼ିଛି।

ମୈନପୁର ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ପ୍ରଥମେ ଖବର ମିଳିଥିଲା। ଏହାପରେ ଇ-୩୦, ଏସଟିଏଫ ଓ କୋବ୍ରା ବାହିନୀ ପକ୍ଷରୁ ନକ୍ସଲ ବିରୋଧୀ ଅପରେସନ *(ପୃଷ୍ଠା ୭ରେ)*

## ୧୬ ନକ୍ସଲଙ୍କ ଆତ୍ମସମର୍ପଣ

ନାରାୟଣପୁର, ୧୧।୯

ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ନିରୋଧ ଅଭିଯାନ ଏବଂ ଅତ୍ୟଧିକ ସମ୍ବେଦନଶୀଳ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଲଗାତାର କ୍ୟାମ୍ପ ସ୍ଥାନ ହେବାରୁ ପୋଲିସର ପ୍ରଭାବ *(ପୃଷ୍ଠା ୭ରେ)*

## ସୁନା ଦର


୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୦୫୧ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୩୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୨୮୮ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୦ (+୦)

# ନୌସେନାକୁ ମିଳିଲା ଥ୍ରୀଡି ସର୍ଭିଲାନ୍ସ ରାଡାର

ମୁମ୍ବାଇ, ୧୧।୯



ଭାରତୀୟ ନୌସେନାରେ ସାମିଲ ହୋଇଛି ସ୍ୱଦେଶରେ ନିର୍ମିତ ଶକ୍ତିଶାଳୀ ଥ୍ରୀଡି ସର୍ଭିଲାନ୍ସ ରାଡାର (ଏଏସଆର-ଲାଞ୍ଜା-ଏନ)। ଏହାକୁ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଲିମିଟେଡ୍ ପକ୍ଷରୁ ଏକ ସ୍ପାନିଶ କମ୍ପାନିର ପ୍ରଯୁକ୍ତି ହସ୍ତାନ୍ତର ମାଧ୍ୟମରେ ନିର୍ମାଣ କରାଯାଇଛି । ଟିଏଏସଏଲ ପ୍ରଥମ ଭାରତୀୟ କମ୍ପାନୀ ହୋଇଛି ଯାହା *(ପୃଷ୍ଠା ୭ରେ)*

# ମହାନଦୀ ରିଭରଫ୍ରଣ୍ଟ ଯୋଜନାକୁ ମଞ୍ଜୁରୀ: ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା

ଭୁବନେଶ୍ୱର, ୧୧।୯
ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବହୁଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜଳ ସମ୍ପଦ ବିକାଶ ବିଭାଗ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ବ୍ୟବହାର କରିବ।

ଯୋଜନା ମଞ୍ଜୁରୀ ଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, "ମହାନଦୀ ଓଡ଼ିଶାର ଜୀବନରେଖା। ଏହାର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ପରିବେଶ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯିବ। ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ବଡ଼ ଯୋଗଦାନ ଦେବ।"

ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ନଦୀକୂଳରେ ସାମାଜିକ-ସାଂସ୍କୃତିକ ସୁବିଧା ଯୋଗାଇବା, ଘରୋଇ *(ପୃଷ୍ଠା ୭ରେ)*

# ୧୬ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୧।୯ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୮ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବା ବେଳେ ଏହାର ଅବ୍ୟବହିତ ପୂର୍ବରୁ ୧୬ ତାରିଖରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି । ସୁରୁଖୁରୁରେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ରାସନ ଏଇଠି ସବୁ ଖାଉଥାନ୍ତି
ଅଧିକାଂଶ ମଲା ଲୋକ
ତନାଘନା ପରେ ଏତିକି ହିସାବ
ଆହୁରି ଥିବେଯେ ଯୋକ
ଚୋର ଏଠି ସାଜେ ସନ୍ଥ
ଧନୀଲୋକ ଗୁଡା ପ୍ରକୃତେ ଗରିବ
ଘରେ ମାଗଣାରେ ଥାକ।

# ଘର ତିଆରି ଖାଦ୍ୟକୁ ଆପଣାନ୍ତୁ, ସୁସ୍ଥ ରୁହନ୍ତୁ




ଭୁବନେଶ୍ୱର, ୧୧।୯
ନ୍ୟୁଜ୍ ବ୍ୟୁରୋ

ଫିଟ୍ ରହିବା ପାଇଁ ସୁସ୍ଥ ଖାଦ୍ୟ ସହ ସୁସ୍ଥ ମନର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି । ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ମିଳିତ ସହଭାଗିତାରେ ଭୁବନେଶ୍ୱରସ୍ଥିତ ଲେମନଟ୍ରି ପ୍ରିମିୟମରେ "ହେଲଦି ଡାଏଟ୍ ଅଭିଯାନ"ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭିନ୍ନ ଖାଦ୍ୟାଭ୍ୟାସ ଉପରେ ଚର୍ଚ୍ଚା କରିବା ସହ ଆଦିବାସୀ ମହିଳାମାନଙ୍କର ସୁସ୍ଥ ଶରୀରର କାରଣ ମାଣ୍ଡିଆ ବୋଲି ମତ ପ୍ରକାଶ କରିଥିଲେ । ବଜାରର ଜଙ୍କ ଫୁଡ଼ୁଠୁ ଦୂରରେ ରହି ଘର ତିଆରି ଖାଦ୍ୟ ସହ ପାରମ୍ପରିକ ଖାଦ୍ୟ ଯଥା ମାଣ୍ଡିଆ, ପଖାଳ ଓ ପିଠା ଆଦିକୁ ଆପଣେଇବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ଗାଁ ର ମହିଳାମାନଙ୍କର ମୋଟାପା ଦୂର କରିବା ଉପରେ ସେ ବିଶେଷ ଫୋକସ କରିଥିଲେ ।

କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଓଡିଆ ଚଳଚ୍ଚିତ୍ରର ସୁପ୍ରତିଷ୍ଠିତ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଅଭିନେତ୍ରୀ ଅନୁ ଚୌଧୁରୀ, ପୋଷଣ ବିଶେଷଜ୍ଞ ତଥା ୟୁନିସେଫର ବରିଷ୍ଠ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ଗାଁରେ ଅଙ୍ଗନବାଡି ଓ ସ୍କୁଲ ଯାଉଥିବା ପିଲାମାନଙ୍କର ଚିପ୍ସ ଓ ନୁଡୁଲସ ଖାଇବା ଅଭ୍ୟାସ ପ୍ରତି ମହିଳା ଓ *(ପୃଷ୍ଠା ୭ରେ)*

# ଦକ୍ଷିଣରେ ୨ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୧।୯
ନ୍ୟୁଜ୍ ବ୍ୟୁରୋ



ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର-ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଜିଲ୍ଲାର କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ଏଥିସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା ରହିଛି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପ୍ରଦୂଷଣ କମିଲେ ଉତ୍ତାପ ବଢ଼େ

ପ୍ରାୟ ୧୦ ବର୍ଷ ତଳେ ଚୀନ୍‌ରୁ ଅନେକ ଫଟୋ ଓ ଭିଡିଓ ସାମ୍ନାକୁ ଆସିଲା, ଯେଉଁଥିରେ ଲୋକଙ୍କୁ ପ୍ରଦୂଷଣକୁ ନେଇ ଚିନ୍ତିତ ଥିବା ଦେଖିବାକୁ ମିଳିଲା । ଶୀତଦିନେ ସ୍ଥିତି ଆହୁରି ଖରାପ ହେଉଥିଲା। ଇତିମଧ୍ୟରେ ସରକାର ଅନେକ ନିୟମ ଲାଗୁ କଲେ। କୋଇଲା ଚାଳିତ କାରଖାନାଠୁ ଆରମ୍ଭ କରି ଗାଡ଼ି ଉପରେ କଠୋର ନିୟମ ଲାଗୁ ହେଲା । ଫଳରେ ୨୦୧୦ରୁ ୧୦ ବର୍ଷ ମଧ୍ୟରେ ସେଠାରେ ବିଷାକ୍ତ ଗ୍ୟାସ୍ ନିର୍ଗମନ ମାତ୍ରା ଖୁବ୍ କମିଗଲା। କିନ୍ତୁ ଏହି ସଫେଇ ପଦକ୍ଷେପ ସୂର୍ଯ୍ୟର ଉତ୍ତାପକୁ ରୋକୁଥିବା ସେହି ସ୍ତରକୁ ହଟାଇଦେଲା। ଅର୍ଥାତ୍ ବିଶ୍ୱ ଉତ୍ତାପନ ବଢ଼ିଲା। ପ୍ରଦୂଷଣ କମିଲେ ଉତ୍ତାପ କେମିତି ବଢ଼େ, ତାହା ବୁଝିବା ପୂର୍ବରୁ ସଦ୍ୟ ଅଧ୍ୟୟନ ବିଷୟରେ ଜାଣିବା ଆବଶ୍ୟକ । କମ୍ୟୁନିକେସନ୍ସ ଆର୍ଥ୍ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ନାମକ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାରେ ଏକ ସଦ୍ୟ ଅଧ୍ୟୟନ ପ୍ରକାଶ ପାଇଛି । ଅଧ୍ୟୟନ ଅନୁସାରେ, ବିଶ୍ୱ ଉତ୍ତାପନରେ ବର୍ତ୍ତମାନ ଯେଉଁ ବୃଦ୍ଧି ପରିଲକ୍ଷିତ ହେଉଛି, ପୂର୍ବ ଏସିଆରେ ସ୍ୱଚ୍ଛତା ମଧ୍ୟ ଏଥିପାଇଁ ଦାୟୀ । ଅଧ୍ୟୟନରେ ଆମେରିକା, ନରୱେ ଓ ବ୍ରିଟେନର ବୈଜ୍ଞାନିକମାନେ ମିଳିତ ଭାବେ କାମ କରିଛନ୍ତି । ସେମାନେ ଜାଣିବାକୁ ପାଇଛନ୍ତି, ୨୦୧୦ରୁ ପରବର୍ତ୍ତୀ ଦଶନ୍ଧିରେ ପୃଥିବୀର ହାରାହାରି ତାପମାତ୍ରା ୦.୨୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ିବା କଥା । କିନ୍ତୁ ପ୍ରକୃତରେ ତାପମାତ୍ରା ୦.୩୩ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଗଲା । ଏହି ଅନ୍ତର ପଢ଼ିବା ଓ ଶୁଣିବା ପାଇଁ କମ୍ ମନେ ହେଉଥାଇପାରେ। କିନ୍ତୁ ବିଶ୍ୱସ୍ତରରେ ବହୁତ ଅଧିକ । ଏହି ବର୍ଦ୍ଧିତ ଗ୍ରାଫ୍‌ରୁ ପ୍ରାୟ ୦.୦୭ ଡିଗ୍ରୀ ଉତ୍ତାପ କେବଳ ପୂର୍ବ ଏସିଆର ସ୍ୱଚ୍ଛ ବାୟୁ ଯୋଗୁ ବଢ଼ିଛି । ଅର୍ଥାତ୍ ବାୟୁକୁ ସ୍ୱଚ୍ଛ କରିବାର ପ୍ରୟାସ ଅଜାଣତରେ ବିଶ୍ୱକୁ ଆହୁରି ଉତ୍ତପ୍ତ କରିଛି। କିନ୍ତୁ ଚୀନ୍ ଏମିତି କ'ଣ କଲା ପ୍ରଦୂଷଣକୁ ନେଇ ନିରନ୍ତର ଚାଲିଥିବା ହୋ-ହଲ୍ଲା ମଧ୍ୟରେ ବେଜିଂ ନିଜର କାରଖାନା, ବିଜୁଳିଘର ଓ ଗାଡ଼ିରୁ ହେଉଥିବା ପ୍ରଦୂଷଣ ରୋକିବା ଉପରେ ଧ୍ୟାନ ଦେଲା । ଖାସ୍‌କରି ସଲ୍‌ଫର ଡାଇଅକ୍ସାଇଡ୍ ନାମକ ଗ୍ୟାସ୍‌କୁ କମାଇବା ଉପରେ ଫୋକସ୍ କଲା, ଯାହା ବାୟୁ ପ୍ରଦୂଷଣର ବଡ଼ କାରଣ । କୋଇଲାରୁ ପରିଚାଳିତ ପ୍ଲାଣ୍ଟଗୁଡ଼ିକୁ ବନ୍ଦ କରାଗଲା । କାରଖାନା ପାଇଁ କଡ଼ା ନିୟମ ଲାଗୁ ହେଲା। ଏହା ଦ୍ୱାରା ବାୟୁ ପରିଷ୍କାର ହେବାକୁ ଲାଗିଲା। କିନ୍ତୁ ବିଶ୍ୱ ଉପରେ ଏହାର ଓଲଟା ପ୍ରଭାବ ପଡ଼ିଲା। ବାୟୁରେ ଉପସ୍ଥିତ ସଲଫର ଡାଇଅକ୍ସାଇଡ୍‌ର କଣିକାକୁ ଏରୋସୋଲ୍ ମଧ୍ୟ କୁହାଯାଏ। ସୂର୍ଯ୍ୟର ଉତ୍ତାପ ଏହି କଣିକାରେ ବାଜି ପୁଣି ଫେରିଯାଏ। ଏହା ଦ୍ୱାରା ପୃଥିବୀରେ ସୂର୍ଯ୍ୟର ସେହି ତାପମାତ୍ରା ପହଞ୍ଚିପାରେ ନାହିଁ। ଚୀନ୍ ଯେତେବେଳେ ବାୟୁରୁ ଏରୋସୋଲ୍ ହଟାଇଦେଲା, ପରଦା ହଟିବାରୁ ଉତ୍ତାପ ସିଧା ତଳକୁ ପହଞ୍ଚିଲା। ବିଶ୍ୱ ତାପମାତ୍ରାରେ ଅତିରିକ୍ତ ବୃଦ୍ଧିରେ କେବଳ ଚୀନ୍ ନୁହେଁ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶ ମଧ୍ୟ ସାମିଲ । ଏ ସମସ୍ତ ଦେଶ ମିଶି ସୋଲାର ଜିଓଇଞ୍ଜିନିୟରିଙ୍ଗ କରୁଛନ୍ତି । ଏହାର ଅର୍ଥ ଜାଣିଶୁଣି ବାୟୁରେ ଏଭଳି କଣିକା(ଏରୋସୋଲ୍) ଛାଡ଼ିବା, ଯାହା ସୂର୍ଯ୍ୟ ରଶ୍ମିକୁ ଫେରାଇଦେବ। ଆଗ୍ନେୟଗିରି ବିସ୍ଫୋରଣକୁ ଦେଖି ଏହି ବିଚାର ସେମାନଙ୍କ ମନକୁ ଆସିଲା । ଯେତେବେଳେ କୌଣସି ବଡ଼ ବିସ୍ଫୋରଣ ହୁଏ, ଆଖପାଖରେ ଧୂଳି ଓ ଧୂଆଁ ବ୍ୟାପିଯାଏ। ଏହା ପରେ ଉକ୍ତ କ୍ଷେତ୍ରର ତାପମାତ୍ରା ବହୁତ ଦିନ ପର୍ଯ୍ୟନ୍ତ କମ୍ ରହେ। ଏଥିରୁ ଉପରୋକ୍ତ ଦେଶ ସୋଲାର ଜିଓଇଞ୍ଜିନିୟରିଙ୍ଗ୍‌ର ବିଚାର ପାଇଲେ। ଏହି ବିଚାରକୁ ନେଇ ୨୦୨୨ରେ ମେକ୍ସିକୋରେ ସବୁଠୁ ବଡ଼ ପ୍ରୟୋଗ ହେଲା । ଏକ ଆମେରିକୀୟ କମ୍ପାନି ତାପମାତ୍ରା ହ୍ରାସ କରିବା ଲାଗି ଚୁପଚାପ୍ ବାୟୁରେ ସଲ୍‌ଫର ଡାଇଅକ୍ସାଇଡ୍‌ପୂର୍ଣ୍ଣ ବେଲୁନ୍ ଛାଡ଼ିଲା । କିନ୍ତୁ ମାମଲା ସାମ୍ନାକୁ ଆସିବା ପରେ ହଙ୍ଗାମା ହେଲା । ମେକ୍ସିକୋର ବୈଜ୍ଞାନିକମାନେ ବିରୋଧ କଲେ । ଏରୋସୋଲ୍‌ର ସନ୍ତୁଳନ ବିଗିଡ଼ିଲେ, ଭୟଙ୍କର ବର୍ଷା-ମରୁଡ଼ି କିମ୍ବା ଅତିଶୟ ଥଣ୍ଡା ଭଳି ଅନେକ ଚରମ ସ୍ଥିତି ଉପୁଜିବ ବୋଲି ଚେତାବନୀ ଦେଲେ । ଶେଷରେ କମ୍ପାନି ପ୍ରୟୋଗକୁ ବନ୍ଦ କରିଦେଲା। କିନ୍ତୁ ବିଶ୍ୱ ଉତ୍ତାପନକୁ ରୋକିବା ପାଇଁ ଏହି ନୂଆ କୌଶଳ ଚର୍ଚ୍ଚାକୁ ଆସିଲା । ବାୟୁ ପ୍ରଦୂଷଣକୁ ହ୍ରାସ କରିବାର ଏହି ଉପାୟ ଭୁଲ ନୁହେଁ । କିନ୍ତୁ ସଲ୍‌ଫର ଡାଇଅକ୍ସାଇଡ୍ ସହିତ କାର୍ବନ୍ ଡାଇଅକ୍ସାଇଡ୍ ଓ ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍‌ଗୁଡ଼ିକୁ ମଧ୍ୟ କମାଇବା ଜରୁରି, ଯାହା ଯୋଗୁ ବିଶ୍ୱ ତାପନ ବଢୁଛି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୫)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ହୃଦୟଟା ତାଙ୍କର ପଦ୍ମପୁଷ୍ପ ପରି କୋମଳତାରେ ପରିପୂର୍ଣ୍ଣ ହୋଇଥିଲେ ବି ସମଗ୍ର ଶରୀରଟା ହୋଇଯାଇଥିଲା ସ୍ଥିତିପ୍ରଜ୍ଞ ଓ ଶିଳାଖଣ୍ଡ ଭଳି ଅତ୍ୟନ୍ତ କଠିନ। ଅତିଶୟ ପରିଶ୍ରମ କରି ରାତ୍ରୀର ଶୀତଳତାରେ ତାଙ୍କର ନିଦ୍ରା ଏତେ ଗଭୀର ହୋଇଯାଇଥିଲା ଯେ ପ୍ରତ୍ୟୁଷ ସମୟ କେତେବେଳେ ହୋଇଯାଇଥିଲା ତାହା ସେ ଜାଣିପାରିଲେ ନାହିଁ। ନିର୍ଜନ ଅରଣ୍ୟ ମଧ୍ୟରେ ପକ୍ଷୀଙ୍କର ସୁମଧୁର କାକଳି ଶୁଣି ନିଦ ଭାଙ୍ଗିଗଲା। ସେ ପ୍ରକୃତିସ୍ଥ ହୋଇପଡିଲେ। ଯଦିବି ସୂର୍ଯ୍ୟଙ୍କର ଉଦୟ ହୋଇଥିଲା, ତଥାପି ଉଦୟର ସମୟ ହୋଇଗଲାଣି ବୋଲି ସେ ଅନୁଭବ କରିସାରିଲେଣି। ସେ ଆଉ ମୁହୂର୍ତ୍ତଟିଏ କାଳ ବିଳମ୍ବ ନ କରି ସ୍ନାନ ତର୍ପଣାଦି କର୍ମ ସମାପନ କରି ଆଦିକନ୍ଧଙ୍କ ଗୃହରେ ଯତ୍ନର ସହିତ ସୁରକ୍ଷିତ ରହିଥିବା ମୃଦଙ୍ଗ ମଧ୍ୟସ୍ଥ ପରମାତ୍ମାଙ୍କ ବ୍ରହ୍ମମଣୀ ନିକଟରେ ଭାଗବତ ମହାପୁରାଣଟି ପାଠ କରିବାରେ ଲାଗିଲେ ବିଶର ମହାନ୍ତି। ଭାଗବତର ଗୋଟିଏ ଅଧ୍ୟାୟ ଶେଷ କରିବାକୁ ଯାଉଛନ୍ତି ତ ଧୀରେ ଧୀରେ କିଛି ବାଦ୍ୟର ଘନୀଭୂତ ଶବ୍ଦ ତାଙ୍କ କର୍ଣ୍ଣକୁହରରେ ପ୍ରବେଶ କରିବାକୁ ଲାଗିଲା। ସେ ଗୃହମାଲିକ ଆଦିକନ୍ଧଙ୍କୁ ପଚାରିଲେ " ଏ ଯେଉଁ ବାଦ୍ୟର ଶବ୍ଦ ଆମେ ଶୁଣିବାକୁ ପାଉଛେ, ତାହା କେଉଁ ଦିଗରୁ ଆସୁଛି ଟିକେ କହିବେକି ?" ଆଦି କନ୍ଧ, ବିଶର ମହାନ୍ତିଙ୍କର ହାତକୁ ଧରି ବାହାରକୁ ନେଇ ଆସି ଦେଖାଇଦେଇ କହିଲେ " ଏଇ ଦେଖ ଗୋସେଇଁ, କୁଜଙ୍ଗ ଗଡର ରାଜା ଗୋପୀନାଥ ନରେନ୍ଦ୍ର ଏହି ହନୁମାନଙ୍କ ବାଟିକା ଆଡକୁ ଆସୁଛନ୍ତି। ତାଙ୍କ ସାଥିରେ ଆସୁଛନ୍ତି ତାଙ୍କର ପତ୍ନୀ ମହାରାଣୀ ମୁକ୍ତାମଳା। ଏ ଯେଉଁ ଦୁଇଟି ପାଲିଙ୍କି ଓ ସବାରୀ ଦେଖୁଛ, ସେଥିରୁ ପାଲିଙ୍କିରେ ବସିଛନ୍ତି ଗୋପୀନାଥ ନରେନ୍ଦ୍ର ଆଉ ସବାରୀଟିରେ ଆରୋହଣ କରିଛନ୍ତି ମହାରାଣୀ ମୁକ୍ତାମଳା। ଏମାନଙ୍କ ସାଥିରେ ବି ଆସୁଛନ୍ତି ଅନେକ ରାଜ କର୍ମଚାରୀ। ମହାଆଡମ୍ବର ସହକାରେ ଏହି ମହାବୀର ବାଟିକା ଆଡେ।" ବିଶର ଚିନ୍ତା କରୁଛନ୍ତି ଗତକାଲି ସନ୍ଧ୍ୟାରେ ମହାରାଣୀ ଯେଉଁ ପ୍ରତିଶୃତି ଦେଇଥିଲେ, ସେହି ପ୍ରତିଶୃତିକୁ ଅକ୍ଷରେ ଅକ୍ଷରେ ପାଳନ କରିବାପାଇଁ ମହାରାଜାଙ୍କୁ ସାଥିରେ ଏଠାକୁ ଆଣୁଛନ୍ତି। ତେବେ ଏ ସବୁଦେଖି ବିଶରଙ୍କର ଚିନ୍ତା ବଢିଗଲାଣି, କ'ଣ କହିବେ ମହାରାଜାଙ୍କୁ। ମହାରାଜା ତ ମୋ ଆଗମନର ଉଦ୍ଦେଶ୍ୟ ନିଶ୍ଚିତ ପଚାରିବେ, ପୁଣି ପଚାରିବେ ଏ ନିର୍ଜନ ଅରଣ୍ୟ ପରିବେଷ୍ଟିତ ମହାବୀର ବାଟିକାରେ କେତେଦିନ ଉପାସନା କରିବ। କ'ଣ କହିବି ତାଙ୍କୁ। ମିଛ କହିଲେବି, କେଉଁ ସ୍ୱାର୍ଥକୁ ଗୋପନ ରଖି ମିଛ କହିବି ? ସତ୍ୟ ତ ଦିନେ ନା ଦିନେ ପ୍ରକାଶ ପାଇବ, ଏହା ପରେ ତାଙ୍କର ଅବସ୍ଥା କ'ଣ ହେବ ? ଏହିପରି ଚିନ୍ତା କରି କରି ଏକପ୍ରକାର ସ୍ଥିର କରିଦେଲେ ଯେ ସତ୍ୟ କଥାଟା କହିଦେବାଟା ତାଙ୍କ ପାଇଁ ମଙ୍ଗଳ ହେବ। ଏହିପରି ଚିନ୍ତା କରୁ କରୁ ମହାବୀର ବାଟିକା ମଧ୍ୟକୁ ପ୍ରବେଶ କଲେ ମହାରାଜା, ମହାରାଣୀ ଓ ସମସ୍ତ ରାଜକର୍ମଚାରୀ ଓ ରାଜ କର୍ମକର୍ତ୍ତାମାନେ ସାଥିରେ ଆଣିଥିବା ବିରାଟ ଆସନକୁ ମହାବୀର ବାଟିକାରେ ବିଛାଇ ଦିଆଗଲା। ସମସ୍ତେ ମହାପ୍ରଭୁ ହନୁମାନଙ୍କୁ ଭକ୍ତିଭରା ପ୍ରଣାମକରି ଆସନ ଉପରେ ବସିଲେ। ବିଶର ମହାନ୍ତି ଭକ୍ତି ଭରା ପ୍ରଣିପାତ କଲେ କୁଜଙ୍ଗର ମହାରାଜା ଗୋପୀନାଥ ନରେନ୍ଦ୍ରଙ୍କୁ। ରାଜା କହିଲେ "ହେ ସନ୍ନ୍ୟାସୀ ମହୋଦୟ, ଆପଣଙ୍କର ଏ ରାଜ୍ୟକୁ ଆଗମନର ଅବକାଶରେ ମୋ ରାଜ୍ୟ ତରଫରୁ ଆପଣଙ୍କୁ ଭବ୍ୟ ସ୍ୱାଗତ କରୁଛି। ଗତକାଲି ରାତିରେ ମହାରାଣୀଙ୍କରଠାରୁ ତୁମ ଆଗମନ ସଂପର୍କରେ ସବିଶେଷ ବିବରଣୀକୁ ଶ୍ରବଣ କରି ମୁଁ ଏବଂ ମୋ ପରିବାରବର୍ଗ ଅତ୍ୟନ୍ତ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ଆମେ ମାନେ ନିଜକୁ ଗୌରବାନ୍ୱିତ ମନେକରୁଛୁ। ତେବେ ହେ ସନ୍ନ୍ୟାସୀ ଏଠାକୁ ଆଗମନର ଅସଲ ଉଦ୍ଦେଶ୍ୟ ସଂପର୍କରେ ସ୍ପଷ୍ଟ କରନ୍ତୁ।" ଏତକ ଶୁଣିବା ପରେ ବିଶର ମହାନ୍ତି ସନ୍ଦେହାଚ୍ଛନ୍ନ କଣ୍ଠରେ କହିଲେ " ହେ ରାଜନ ! ଏହି ସ୍ଥାନଟିକୁ ଆଗମନ କରିବା ପଛରେ ଲୁଚି ରହିଛି ଏକ ରହସ୍ୟମୟ ଘଟଣା। ଯାହାକୁ ମୁଁ ଆପଣଙ୍କ ନିକଟରେ ପ୍ରକାଶ କରିବା ପୂର୍ବରୁ ଏକ ସର୍ତ୍ତ ରଖୁଛି। ସେ ସର୍ତ୍ତଟି ହେଲା ଆପଣ ଏ ମହାପ୍ରଭୁଙ୍କ ନିକଟରେ ତ୍ରିବାର ସତ୍ୟ କରନ୍ତୁ ମୁଁ ଯେଉଁ ହୃଦୟବିଦାରକ ଘଟଣାକୁ ଏଠାରେ ପ୍ରକାଶ କରିବି, ସେ କଥାକୁ ଯେପରି ଆପଣ ଏବଂ ଆପଣଙ୍କର ଏ ପାରିଷଦ ବର୍ଗଙ୍କ ବ୍ୟତୀତ ଅନ୍ୟ କେହି ଜାଣିପାରିବେ ନାହିଁ। ରାଜା ଗୋପୀନାଥ ନରେନ୍ଦ୍ର ସଙ୍ଗେ ସଙ୍ଗେ ତାଙ୍କ ଆସନ ଉପରେ ଦଣ୍ଡାୟମାନ ହୋଇ ଶପଥ କରି କହିଲେ "ଏ ପୃଥିବୀରେ ଚନ୍ଦ୍ର, ସୂର୍ଯ୍ୟ ଦଶ ଦିଗପାଳଙ୍କୁ ସାକ୍ଷୀରଖି ମହାପ୍ରଭୁ ହନୁମାନଙ୍କ ନିକଟରେ ଶପଥ କରି କହୁଛି ଆପଣ ଯାହା ଏଠାରେ ଗୋପନୀୟ ଘଟଣା କହିବେ, ତାହା ମୁଁ ଏବଂ ମୋ ପାରିଷଦ ବର୍ଗଙ୍କ ବ୍ୟତୀତ ଅନ୍ୟ କେହି ଜାଣିବାର ସୁଯୋଗ ପାଇ ପାରିବେନି। ଏହା ତ୍ରିବାର ସତ୍ୟ, ସତ୍ୟ, ସତ୍ୟ।"

# ବଜାରହାଟ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଗୋଟେ କଥା ମୁଁ ବୁଝି ପାରେନି, ଲୋକେ ବଜାରହାଟରୁ ସଉଦା ପତ୍ର କିଣିବାକୁ ବଜାରହାଟ କରିବା ବୋଲି କାହିଁକି କହନ୍ତି । ଅନେକଙ୍କୁ ପଚାରିଛି, କିଛି ଉତ୍ତର ପାଇନି । ଯେମିତି ଅନେକଙ୍କୁ ପଚାରିଛି, ପ୍ରେମରେ ପଡ଼ିବା ବୋଲି ଲୋକେ କହନ୍ତି କାହିଁକି ? ପ୍ରେମରେ ଉଠିବା, ବସିବା, ଶୋଇବା କାହିଁକି ନୁହେଁ ? ବୋଧହୁଏ ପ୍ରେମରେ ପଡ଼ିବା ଭଳି ବଜାରହାଟ କରିବା ଗୋଟେ ଚଳଣି। ବଜାରହାଟ କରିବା ବା ସଉଦା ପତ୍ର କିଣିବା ମୋର କାମ। ବାଳକ ବୟସରୁ ଆମ ପରିବାରରେ ମୁଁ ହିଁ ଏ କାମଟି କରି ଆସିଛି । ଏବେ ପରିଣତ ବୟସରେ ବି କରୁଛି । ପିଲାଦିନେ ମୋତେ କୁହାହେଉଥିଲା, ପୁଅ ଥାଉ ଥାଉ କ'ଣ ବାପା ବ୍ୟାଗ୍‌ଧରି ଯିବେ ସଉଦା ଆଣିବାକୁ ? ତୋତେ ଲାଜ ଲାଗୁନି ! ବାପାଙ୍କର ଅଫିସ୍‌କାମ ଅଛି, ତାଙ୍କୁ ସମୟ ନାହିଁ । ଏବେ ମୋର ପୁଅ ବଡ଼ ହେଲାଣି, ହାଇସ୍କୁଲ ଗଲାଣି । ଏବେ ମୋତେ କୁହାହେଉଛି, ବାପା ଥାଉ ଥାଉ ପୁଅ ଯିବ ବଜାର କରିବା ପାଇଁ ? ତମକୁ ଲାଜ ଲାଗୁନି ! ତା'ର ସ୍କୁଲ ଅଛି, ପାଠ ପଢ଼ା ଅଛି, ଟ୍ୟୁସନ୍ ଅଛି, ଡ୍ରଇଂ କ୍ଲାସ୍, ତବଲା କ୍ଲାସ୍, କ୍ୟାରାଟେ କ୍ଲାସ୍ ଅଛି । ତା'ର ସମୟ ନାହିଁ ।

ତେଣୁ ପିଲାଦିନ ଭଳି ଏବେବି ମୁଁ ହିଁ ବ୍ୟାଗ୍‌ଧରି ବଜାର ସଉଦା ଆଣିବା ପାଇଁ ଯାଉଛି । ଏଟାକୁ ମୁଁ ଜୀବନ ଜୀଇଁବା ଭଳି ଧରିନେଇଛି । ଜୀବନ ଜୀଇଁବାକୁ ଯେମିତି କେତେବେଳେ ଭଲ ଲାଗେ, କେତେବେଳେ ଖରାପ ଲାଗେ, କିନ୍ତୁ କରିବାକୁ ପଡ଼େ । ଠିକ୍ ସେମିତି ।

କିଏ ଜଣେ ମହାତ୍ମା କହିଥିଲେ ଯେଉଁ କାମ କରିବା ଛଡ଼ା ଅନ୍ୟ ଗତି ନାହିଁ, ତାକୁ ଭଲ ପାଇବାକୁ ଶିଖ । କଷ୍ଟ କମିଯିବ । ଏହାକୁ ସ୍ମରଣ କରି ମୁଁ ବଜାରହାଟ କରିବାର ବହୁ ଭଲ ଭଲ ଦିଗ ଆବିଷ୍କାର କରିଛି । ତହିଁରୁ ଗୋଟେ ହେଲା : ବଜାରହାଟ ଗଲେ ବହୁ ପ୍ରକାର ଲୋକ ଦେଖାହୋଇଯାନ୍ତି । ବହୁ ସୁଖୀ ଲୋକ । ବହୁ ଦୁଃଖୀ ଆତ୍ମା । ଜୀବନକୁ ଉପଭୋଗ କରୁଥିବା ଲୋକ, ଜୀବନ ଯନ୍ତ୍ରଣାରେ ଜର୍ଜରିତ ଲୋକ । ଜୀବନର ଯେତେ ଦର୍ଶନ ପରିବା ବଜାରରୁ ମିଳେ ତାହା ଆଉ କେଉଁଠୁ ମିଳେନି । କେବଳ ମଦ ଭାଟିରୁ ମିଳୁଥିଲେ ମିଳୁଥାଇ ପାରେ । ତ ସେଠି ଯାଇ ଦର୍ଶନ ଶୁଣିବା ମୋ ପକ୍ଷରେ ସମ୍ଭବ ନୁହେଁ । କିଏ ଦେଖିଲେ କ'ଣ ଭାବିବ ? ଅମକ ଯାଇ ଭାଟିରେ ବସିଥିଲେ । ଯେମିତି ଭାଟିରେ ନ ଗଲେ ମଦ ପିଇ ହେବନି, ବା ଲୋକ ପିଉନାହାନ୍ତି ? ତଥାପି ମୁଁ ଜଣେ ଭଦ୍ରଲୋକ । ତେଣୁ ନିଜ ସହରର ଭାଟିକୁ ଯାଏନି । ଅନ୍ୟତ୍ର କଲେ କ'ଣ କରେ, ଆପଣମାନଙ୍କୁ କହିବିନି ।

ଛାଡ଼ନ୍ତୁ, ପରିବା ବଜାର କଥା କହୁଥିଲି । ଏଇ ଗୋଟିଏ ଜାଗାରେ ଦେଶୀ ଜିନିଷର ଦାମ ବିଦେଶୀ ଜିନିଷଠୁଁ ଅଧିକ । ବିଦେଶୀ କହିଲେ ଅବଶ୍ୟ ଆମେରିକା, ଇଂଲଣ୍ଡ ନୁହେଁ । ବିହାର, ପଶ୍ଚିମବଙ୍ଗରୁ ଟ୍ରକ୍ ଯୋଗେ ଯାହା ଆସିଲା ତାହା ଏଠି ବିଦେଶୀ । ଦେଶୀ ହେଲା ସେଇ ଜିନିଷତକ, ଯାହା ସାଇକଲ୍ ବା ଏବକୁ ଲୁନା ଭଳି ଛୋଟଗାଡ଼ିରେ ସ୍ଥାନୀୟ ଅଞ୍ଚଳରୁ ଆସେ । ଟାଟାରୁ କୋବି ଆସିଲେ ତାହା ବିଦେଶୀ, ଆଖ ପାଖ ଦଶ- କୋଡ଼ିଏ କିଲୋମିଟର ଦୂରରୁ ଆସିଲେ ତାହା ହେଲା ଦେଶୀ । ଦେଶୀ ଜିନିଷର ଚାହିଦା ବେଶି, ତେଣୁ ତା'ର ଦାମ ବେଶୀ। ଯେହେତୁ ଦାମ ବେଶୀ, ତେଣୁ ବିଦେଶୀ ଜିନିଷ ଦେଶୀ ଭାବରେ ବିକ୍ରି ହୁଏ । ଚାଲାଣୀ ପୋଟଳରୁ ଯେଉଁଗୁଡ଼ିକ ମୁରୁକୁଟିଆ, ଦୋକାନୀ ତା'କୁ ଅଲଗା ରଖି କହେ, ଏଟା ଆଞ୍ଚା ଦେଶୀ । ଏହାର ଦାମ ଅଧିକ । ଭେଣ୍ଡି, ବାଇଗଣ, ଜହ୍ନି, ସଜନା ଛୁଇଁ ସବୁଠି ସେଇ ଏକା କଥା । କୁକୁଡ଼ା ଅଣ୍ଡାରୁ ଯେଉଁଗୁଡ଼ିକ ଛୋଟ, ତାକୁ ଅଣ୍ଡାବାଲା ବା ଲିକରରେ ବୁଡ଼େଇ ନାଲିଚିଆ ରଙ୍ଗ କରିଦିଏ । ତା'ପରେ ତାକୁ ଦେଶୀ କୁକୁଡ଼ାର ଅଣ୍ଡା ବୋଲି କହି ଗୋଟାକୁ ତିନି ଟଙ୍କା ଦର ନିଏ । ପରିବା ହେଉ କି ଅଣ୍ଡା, କିଏ ଦେଶୀ କିଏ ବିଦେଶୀ ତାହା ଜାଣିବା ଭାରି ମୁସକିଲ୍ । ମୁଁ ମୂଢ଼, ଆଜିଯାଏଁ ଦେଶୀ କିଏ, ବିଦେଶୀ କିଏ ଚିହ୍ନି ପାରିଲିନି । ସେଥି ପାଇଁ ନିୟମିତ ପନ୍ଦରଠୁଁ ଗଞ୍ଜଣା ପାଏ । କଣ କରାଯାଏ, ଆଜିଯାଏଁ ମଣିଷକୁ ହିଁ ଚିହ୍ନି ପାରିଲିନି, ପରିବା ଚିହ୍ନିବି କେମିତି ?

ମାଛ ବଜାରରେ ଆନ୍ଧ୍ରରୁ ଆସୁଥିବା ରୋହିର ଦାମ କମ । ସ୍ଥାନୀୟ ପୋଖରୀର ରୋହିର ଦାମ ଦେଢ଼ା। ଏଟା କେମିତି ହେଉଛି, କେଜାଣି ! ରୋହି କଥାରୁ ମନେ ପଡ଼ିଲା, ଆମ ପିଲାବେଳେ କଉ, ମାଗୁର, କେରାଣ୍ଡି, ମହୁରାଳି ଆଦି ମାଛର ଦାମ ଥିଲା କମ, ରୋହି ଭାକୁର ଆଦି ଥିଲା ଅଧିକ ଦାମ । ଏବେ କଥା ଓଲଟା ହେଲାଣି । ମାଗୁର ମାଛ ଅତ୍ୟନ୍ତ ମହାର୍ଘ୍ୟ । କୋଡ଼ିଏ ପଚିଶ ବର୍ଷ ଭିତରେ ଏ ପରିବର୍ତ୍ତନ! ଏଥିରୁ କ'ଣ ବୁଝୁଛନ୍ତି ଗୋଟେ ସମୟରେ ଯେଉଁମାନେ ମାନ୍ୟତା ପାଉଥିଲେ, ଅବସ୍ଥାର ପରିବର୍ତ୍ତନରେ ସେମାନେ ମାନ୍ୟତା ହରାନ୍ତି । ଅର୍ଥାତ୍ କୌଣସି ବସ୍ତୁ ବା ବ୍ୟକ୍ତିର ମାନ୍ୟତା ଲୋକଙ୍କ ଚାହିଦା, ଆବଶ୍ୟକତା ଆଉ ସମୟର ଦାବି-ନିର୍ଭର । ଆଗରୁ ଆଦର୍ଶବାଦୀ ଶିକ୍ଷକ, ବୁଦ୍ଧିଜୀବିମାନେ ଥିଲେ ସମାଜର ମାନ୍ୟତା ତାଲିକାରେ ଉପରେ । ଏବେ ସେମାନେ ଶସ୍ତା ହେଲେଣି । ଉପରକୁ ଉଠିଛନ୍ତି ପଙ୍କ ଭିତରେ ରହୁଥିବା ମାଗୁରମାନେ । ଜୀବନର କେତେ ଗହନ ସତ କଥା ଯେ ବଜାରରେ, ପରିବାହାଟରେ, ଭୁସାଭାଲ ଦୋକାନରେ ଖୁନ୍ଦି ହୋଇ ରହିଛି !

ଶେଷରେ ଗୋଟେ ଆଖି ଦେଖା ଘଟଣା : ସେଦିନ ମାଛ ବଜାରରେ ଜଣେ ପଚାରିଲେ, କଣ ଭାଇ ମାଛ ତଟକା ଅଛି ?

ମାଛବାଲା ତାଙ୍କୁ କିଛି ଜବାବ ନ ଦେଇ ଗୋଟେ ମାଛ ଲାଞ୍ଜରେ ହାତ ମାରି କହିଲା, ଆରେ ବାବୁଙ୍କୁ ଟିକେ ତୋ ଲାଞ୍ଜ ହଲେଇ ଦେଖେଇଦେଲୁ ।

# ବୈବାହିକ ବିବାଦରେ ଅପରାଧୀକରଣ : ଲିଙ୍ଗ ନିରପେକ୍ଷ ନ୍ୟାୟର ଆବଶ୍ୟକତା



ମୂଳ ଇଂରାଜୀ
ମୋନିଦୀପା ସାହୁ
ମୋ-୮୪୫୭୦୦୮୭୫୪



ଅନୁବାଦ
ଲକ୍ଷ୍ମୀ ଚାନ୍ଦ୍
ଲକ୍ଷ୍ମୀ ସାଗର,ସନ୍ତୋଷୀ ବିହାର
ମୋ-୮୯୧୭୫୯୫୯୧୫
ଭୁବନେଶ୍ୱର-୬

ଜୁଲାଇ ୨୧, ୨୦୨୫। କେରଳର କୋଲ୍ଲମର ୨୯ ବର୍ଷୀୟ ମହିଳା ଅଥୁଲ୍ୟା ଶେଖରଙ୍କ ଶବ ତାଙ୍କ ଆପାର୍ଟମେଣ୍ଟରେ ମିଳିଥିଲା । ତାଙ୍କ ପରିବାର ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀ ତାଙ୍କୁ ଯୌତୁକ ପାଇଁ ହଇରାଣ କରୁଥିଲେ। ପୋନେରୀ, ତିରୁଭାଲୁର ଜିଲ୍ଲା, ତାମିଲନାଡୁରେ ଜୁଲାଇ ୧/୨୦୨୫, ୨୫ ବର୍ଷୀୟ ଲୋଗେଶ୍ୱରୀଙ୍କ ଶବ ମିଳିଥିଲା। ଯୌତୁକ ନିର୍ଯାତନା ଅଭିଯୋଗରେ ବିବାହର ମାତ୍ର ଚାରି ଦିନ ପରେ ସେ ଆତ୍ମହତ୍ୟା କରିଥିଲେ।

ଏପରି ଦୁଃଖଦ ଘଟଣା ରୋକିବା ପାଇଁ, ୧୯୮୩ ମସିହାରେ ଭାରତ ସରକାର ଭାରତୀୟ ଆଇନରେ ଧାରା ୪୯୮A ଦଣ୍ଡ ସଂହିତା ଯୋଡିଥିଲେ। ଏହାର ଲକ୍ଷ୍ୟ ଥିଲା ମହିଳାମାନଙ୍କୁ ସଶକ୍ତ କରିବା ଏବଂ ବିବାହରେ ଶାରୀରିକ ନିର୍ଯାତନା ଏବଂ ମାନସିକ ନିଷ୍ଠୁରତାରୁ ସୁରକ୍ଷା ଦେବା। IPC ଧାରା ୪୯୮ A ଅନୁଯାୟୀ, ସମ୍ପତ୍ତି ପାଇଁ ମହିଳାଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରିବା ବ୍ୟକ୍ତି ଯେ କୌଣସି ଉପାୟରେ ଆଇନ ଅନୁଯାୟୀ ଦଣ୍ଡିତ ହେବ। ଅଧିକାଂଶ ମହିଳା ଅନ୍ୟାୟ ଏବଂ ଦୁଃଖଦ ବିବାହ ବନ୍ଧନରୁ ମୁକ୍ତି ପାଇବା ପାଇଁ ଆଇନ ନିକଟରେ ଆବେଦନ କରିଥିଲେ। ମାତ୍ର ସେଠାରେ ମଧ୍ୟ ଦାବି କରାଗଲା ଯେ ପୁରୁଷ ନିର୍ଦ୍ଦୋଷ ଏବଂ ସେମାନଙ୍କ ପରିବାରକୁ ମିଥ୍ୟା ଅଭିଯୁକ୍ତ କରାଯାଇଛି, ଜେଲ ଦିଆଯାଇଛି ଏବଂ ହଇରାଣ କରାଯାଇଛି।

ଏହି ସମୟରେ, ଡିସେମ୍ବର ୯, ୨୦୨୪ ରେ, ବାଙ୍ଗାଲୋରର ୩୪ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟର ଅତୁଲ ସୁଭାଷ ଏକ ୨୪ ପୃଷ୍ଠାର ଆତ୍ମହତ୍ୟା ନୋଟ୍ ଏବଂ ଏକ ୮୧ ମିନିଟର ଭିଡିଓ ଛାଡିଛନ୍ତି। ଏଥିରେ ତାଙ୍କର ବ୍ୟଗ୍ରତା ପ୍ରକାଶ ପାଇଛି ଏବଂ ସେ ଏକ ସମସ୍ୟାପୂର୍ଣ୍ଣ ବିବାହ ଏବଂ ଛାଡପତ୍ର ପ୍ରକ୍ରିୟା ମାଧ୍ୟମରେ କିପରି ଦୀର୍ଘକାଳୀନ କଷ୍ଟ ଭୋଗିଥିଲେ ଜଣାଇଛନ୍ତି। ସେ ଛାଡପତ୍ର ଦେଇଥିବା ତାଙ୍କ ପତ୍ନୀ ନିକିତା ସିଂଘାନିଆ, ତାଙ୍କ ମାଆ ଏବଂ ଭାଇଙ୍କଠୁ ଦୀର୍ଘଦିନ ହେଲା ନିର୍ଯାତନା ପାଇ ଆସୁଥିଲେ। ଏହି ଦୁଃଖଦ ଘଟଣାର ବିବରଣୀ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଯେଉଁଥିପାଇଁ ବ୍ୟାପକ ହୋଇଥିଲା ଜନସାଧାରଣଙ୍କ ଅସନ୍ତୋଷ।

ଏପ୍ରିଲ ୨୦୨୫ରେ, ଉତ୍ତର ପ୍ରଦେଶର ୩୩ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟର ମୋହିତ ଯାଦବ, ଆତ୍ମହତ୍ୟା କରିଥିଲେ। ସେ ତାଙ୍କ ସ୍ତ୍ରୀ ଏବଂ ତାଙ୍କ ପରିବାରକୁ ମାନସିକ ନିର୍ଯାତନା ପାଇଁ ଦାୟୀ କରିଥିଲେ। ଏକ ଭିଡିଓ ମେସେଜରେ, ଯାଦବ ପୁରୁଷମାନଙ୍କ ପାଇଁ ଆଇନଗତ ସୁରକ୍ଷାର ଅଭାବକୁ ଉଲ୍ଲେଖ କରିଥିଲେ ଏବଂ ତାଙ୍କ ସ୍ତ୍ରୀ ତାଙ୍କୁ ସମ୍ପତ୍ତି ଦାବି କରିବା ଏବଂ ନିଜର ଗର୍ଭପାତ କରିବାକୁ ବାଧ୍ୟ କରିବାକୁ ନେଇ ଅଭିଯୋଗ କରିଥିଲେ। ଏଗୁଡ଼ିକ କୌଣସି ଅବ୍ୟବସ୍ଥିତ ମାମଲା ନୁହେଁ। ପୁରୁଷ ଅଧିକାର ସଂଗଠନ ଏବଂ ସେମାନଙ୍କ ସଙ୍କୋଚତା ପ୍ରତି ଦୀପିକାଙ୍କ ପରି କର୍ମୀମାନେ ନିୟମିତ ଭାବରେ ପୁରୁଷମାନଙ୍କ ଯନ୍ତ୍ରଣାର ଅନେକ ମାମଲା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏକ ସାମ୍ପ୍ରତିକ ରିପୋର୍ଟରେ ସାକ୍ଷାତକାର ଦେଇ ବରିଷ୍ଠ ସୁପ୍ରିମକୋର୍ଟ ଓକିଲ ଗୀତା ଲୁଥ୍ରା ଛାଡପତ୍ର ମାମଲା ବିଷୟରେ କୁହନ୍ତି "ମୁଁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଅନେକ ପୁରୁଷଙ୍କୁ ଦେଖିଛି। ସେମାନେ ନ୍ୟାୟ ପାଇଁ ଭିକ୍ଷା ମାଗୁଛନ୍ତି, ନିବେଦନ କରୁଛନ୍ତି। ଆମେ ମହିଳାମାନଙ୍କ ପ୍ରତି ନ୍ୟାୟପୂର୍ଣ୍ଣ ହେବା ପାଇଁ ପୁରୁଷମାନଙ୍କୁ ପୀଡିତ କରିବା ଉଚିତ୍ ନୁହେଁ, ସେ କୁହନ୍ତି। ୨୦୦୩ ମସିହାରେ, ଫୌଜଦାରୀ ନ୍ୟାୟର ସଂସ୍କାର ଉପରେ ଜଷ୍ଟିସ ମାଲିମାଥ କମିଟି ସିଷ୍ଟମ ଧାରା ୪୯୮A ର ଅପବ୍ୟବହାର ପ୍ରସଙ୍ଗକୁ ସମାଧାନ କରିଥିଲା। କମିଟି ମନମୁଖୀ ଗିରଫଦାରୀକୁ ରୋକିବା ପାଇଁ କଠୋର ସୁରକ୍ଷା ବ୍ୟବସ୍ଥା ପ୍ରଚଳନ କରିବାକୁ ସୁପାରିଶ କରିଛି। ପୂର୍ବରୁ ସମ୍ପୂର୍ଣ୍ଣ ତଦନ୍ତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଗିରଫ କରିବା ଓ ପ୍ରତ୍ୟେକ ପର୍ଯ୍ୟାୟରେ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିବାକୁ ସୁନିଶ୍ଚିତ କରିବା ନେଇ ଆଇନଗତ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ।

କମିଟି ବିକଳ୍ପ ବିବାଦ ସମାଧାନକୁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଥିଲା କି ବୈବାହିକ ସମସ୍ୟା ସମାଧାନ ପାଇଁ ମଧ୍ୟସ୍ଥତା ଏବଂ ପରାମର୍ଶ ଭଳି ପ୍ରକ୍ରିୟା ବିବାଦକୁ ସୌହାର୍ଦ୍ଦପୂର୍ଣ୍ଣ ଭାବରେ ସମାଧାନ କରିବା ଏବଂ ମିଥ୍ୟା ଅଭିଯୋଗ ଦାଖଲକୁ ରୋକିବା। ଭାରତର ରାଜ୍ୟ ସମୂହ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ତାଙ୍କ ଚିଠି ସଂଖ୍ୟା ୩/୫/୨୦୦୮ ଅକ୍ଟୋବର ୨୦, ୨୦୦୯ ରେ, ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ସମ୍ବୋଧିତ କରିଥିଲେ ଏବଂ IPC ର ଧାରା ୪୯୮A ର ଅପବ୍ୟବହାର ବିଷୟରେ ଏବଂ ଏହାକୁ ରୋକିବା ପାଇଁ ମାର୍ଗଦର୍ଶିକା ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ।

ମାଲିମାଥ କମିଟି ଦୀର୍ଘ ବାଇଶ ବର୍ଷ ପରେ ରିପୋର୍ଟ ଦାଖଲ କରିଛନ୍ତି ଯେ ତଥାପି କାହିଁକି ଲୋକମାନଙ୍କୁ ସର୍ବୋଚ୍ଚ ଅଧିକାରୀଙ୍କ ନିକଟରେ ବୈବାହିକ ବିବାଦରେ ନ୍ୟାୟ ପାଇଁ ଆବେଦନ କରିବାକୁ ପଡୁଛି? ପ୍ରକୃତରେ ଅସହାୟ ଏବଂ ନିର୍ଯାତିତ ମାନଙ୍କ ପକ୍ଷରେ କଣ ହୁଏ, ଯାହାଙ୍କ ପାଖରେ ନା ଟଙ୍କା ଅଛି ନା ସହାୟକ ପାଇଁ ପରିବାର ଏବଂ ବନ୍ଧୁବାନ୍ଧବ ଅଛନ୍ତି ଯାହାଙ୍କ ସାହାଯ୍ୟରେ ଆଇନଗତ ଲମ୍ବା ଲଢ଼େଇ ଲଢ଼ିବେ? ସେମାନଙ୍କୁ କେଉଁଟି ବାଛିବାକୁ ପଡିବ ଆତ୍ମହତ୍ୟା, ନା ଜେଲରେ ସଜା କାଟିବା?

ଅସହାୟ ମହିଳାମାନେ ଘରୋଇ ହିଂସାରୁ ମୁକ୍ତି ପାଇବା ଏବଂ ଶାନ୍ତି ଏବଂ ସମ୍ମାନର ସହିତ ବଞ୍ଚିବାପାଇଁ, ଆମକୁ ସ୍ୱଷ୍ଟ ଭାବରେ ବିଦ୍ୟମାନ ବ୍ୟବସ୍ଥାଗୁଡ଼ିକୁ ପୁନଃଗଠନ କରିବାକୁ ପଡିବ। ପୁଣି ସ୍ୱାମୀ ଏବଂ ସେମାନଙ୍କ ପରିବାର ସେମାନଙ୍କ ଜୀବନକୁ ଧ୍ୱଂସ କରିବା ପାଇଁ ଭଡାଟିଆ ଗୁଣ୍ଡାଙ୍କ ଦ୍ୱାରା ଧମକ ଦେଉଥିବା ଏବଂ ଦାଖଲ କରୁଥିବା ମିଥ୍ୟା ଅପରାଧିକ ଅଭିଯୋଗରୁ ସୁରକ୍ଷିତ ରଖିବାକୁ ପଡିବ।

ବିଶେଷଜ୍ଞମାନେ କହିଛନ୍ତି ଯେ ଆଇନକୁ ସୁରକ୍ଷା ଢାଲ ପରିବର୍ତ୍ତେ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯିବାର ଦେଖାଯାଉଛି। ବର୍ତ୍ତମାନ ବୈବାହିକ ଜୀବନର ଏପରି ଅନେକ କ୍ଷେତ୍ରରେ ଶାରୀରିକ କ୍ଷତ ପରିବର୍ତ୍ତେ ସବୁଠାରୁ ବଡ଼ କଷ୍ଟ ହିଂସା, ବିଶେଷକରି ମାନସିକ ନିର୍ଯାତନା ଅଟେ। ନିର୍ଭରଯୋଗ୍ୟ ନିରପେକ୍ଷ ସାକ୍ଷୀ ସବୁବେଳେ ରହିବା ବିରଳ, ତେଣୁ ମିଥ୍ୟା ଅଭିଯୋଗଗୁଡିକୁ ତଦନ୍ତ କରାଯିବା ଉଚିତ। ପ୍ରକୃତ ମାମଲାଗୁଡ଼ିକୁ ପ୍ରମାଣ କରିବା ମଧ୍ୟ ସହଜ ନୁହେଁ। ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ବ୍ୟତୀତ ଅନ୍ୟ କେହି ସାକ୍ଷ୍ୟ ଦେଲେ ଏହା କେବଳ ଜଣେ ବ୍ୟକ୍ତିଙ୍କ ଅନ୍ୟ ବିରୁଦ୍ଧରେ ଯିବା ପରି କଥା ହେବ। ପୂର୍ବରୁ ଅତ୍ୟଧିକ କେଶ୍‌ରେ ଚାପଗ୍ରସ୍ତ ଥିବା ଅଦାଲତଗୁଡ଼ିକ ବୈବାହିକ ହିଂସା ମାମଲାଗୁଡ଼ିକର ରାୟ ଦେବାରେ ବର୍ଷ ବର୍ଷ ବିତାଇ ଦେଉଛନ୍ତି। ଯାହା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଉଛି। ଜଣେ ଅସାଧୁ ସାଥୀ ଅତ୍ୟଧିକ ମିଥ୍ୟା ଅଭିଯୋଗ ସହ ଚିତ୍କାର କରି ଜଣକୁ ଦୋଷୀ ସାବ୍ୟସ୍ତ କରିପାରେ। ଏସବୁ ପ୍ରକୃତ ଦୀର୍ଘକାଳୀନ ପୀଡିତଙ୍କୁ ଅଳ୍ପ ଟିକେ ସାନ୍ତ୍ୱନା ଦେଇପାରେ, ଯିଏ ନ୍ୟାୟ ପାଇଁ ଲଢେଇ କରି କରି ହୁଏତ ବହୁତ କଷ୍ଟ ପାଉଥିବେ ଏବଂ ଖର୍ଚ୍ଚାନ୍ତ ହୋଇ କ୍ଳାନ୍ତ ଏବଂ ହତାଶ ହୋଇଯାଇଥିବେ।

ସମୟ ଅନୁସାରେ ଆଇନଗୁଡ଼ିକୁ ସଂଶୋଧନ କରାଯାଉଛି। ତେବେ ବି ଅସାଧୁ ଲୋକମାନେ ଆଇନଗତ ଫାଙ୍କ ଦେଇ ଖସିଯିବା ପାଇଁ ନୂତନ ଉପାୟ ଖୋଜିବୁଲିଛନ୍ତି। ଜୁଲାଇରେ, ସୁପ୍ରିମକୋର୍ଟ ଏକ ମହିଳା ଆଇପିଏସ ଅଧିକାରୀ ଏବଂ ତାଙ୍କ ପିତାମାତାଙ୍କୁ ଖବରକାଗଜ ଏବଂ ସୋସିଆଲ ମିଡିଆରେରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପାଇଁ ତାଗିଦ କରିଥିଲେ, ତାଙ୍କ ସ୍ୱାମୀ ଏବଂ ଶ୍ୱଶୁରଙ୍କୁ ପ୍ରାୟ ୧୦୦ ଦିନ ଜେଲଦଣ୍ଡ ଦେବା ପାଇଁ ଏବଂ ସମଗ୍ର ପରିବାରକୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେବାପାଇଁ। ଏହା ବ୍ୟତୀତ ଜଣେ IPS ଅଧିକାରୀ ଭାବରେ ତାଙ୍କର ପଦବୀ ଏବଂ କ୍ଷମତା କେବେବି ବ୍ୟବହାର ନ କରିବାକୁ ମହିଳା ଅଧିକାରୀଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ବ୍ୟତୀତ ତାଙ୍କର କେହି ସଂପର୍କୀୟ କିମ୍ବା ପାଖ ଲୋକ ଯଦି ଉଚ୍ଚ ଅଧିକାରୀ ହୋଇଥାନ୍ତି ତେବେ ସେମାନଙ୍କ କ୍ଷମତା ତାଙ୍କ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୁଦ୍ଧରେ ଉପଯୋଗ କରିପାରିବେ ନାହିଁ।

ତାଙ୍କ ଆଦେଶରେ, ଖଣ୍ଡପୀଠ ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ବଜାୟ ରଖିଛନ୍ତି, ଯେଉଁଥିରେ କୁହାଯାଇଥିଲା ଯେ ବୈବାହିକ ସମ୍ପର୍କିତ କେଶ୍‌ରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ କୌଣସି ଗିରଫଦାରୀ କିମ୍ବା ପୋଲିସ ପ୍ରତିକ୍ରିୟା ପ୍ରକାଶ ହେବ ନାହିଁ । 'କୁଲିଂ-ପିରିୟଡ୍' ସମାପ୍ତ ନକରି ଏଫଆଇଆର୍ କିମ୍ବା ଅଭିଯୋଗ ଦାଖଲ କରାଯାଇ ପାରିବ ନାହିଁ। ମେ ୨୦୨୪ରେ, ସୁପ୍ରିମକୋର୍ଟ 'ଯାନ୍ତ୍ରିକ ଭାବରେ' ଅପରାଧ ପ୍ରୟୋଗ କରିବା ବିରୁଦ୍ଧରେ ସତର୍କ କରାଇଥିଲେ। ସମସ୍ତ ଏଫଆଇଆରରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଧାରା ୪୯୮A ଅନୁଯାୟୀ ଦଣ୍ଡନୀୟ ହେବ ଯେଉଁ ସ୍ୱାମୀଙ୍କ ବିରୁଦ୍ଧରେ ସ୍ତ୍ରୀମାନଙ୍କ ଦ୍ୱାରା ଘରୋଇ ହିଂସା ଉପରେ ଦାୟର ହୋଇଥିବା ଅଭିଯୋଗ ପଞ୍ଜିକୃତ ହୋଇଥିବ। ଏହି ସମସ୍ତ କ୍ଷେତ୍ରରେ ଯେଉଁଠାରେ ସ୍ତ୍ରୀ ଅଭିଯୋଗ କରନ୍ତି ସ୍ୱାମୀ ଦ୍ୱାରା 'ଉତ୍ପୀଡ଼ନ କିମ୍ବା ଦୁର୍ବ୍ୟବହାର'କରାଯାଇଛି ଏହା ଆଇନ ଦ୍ୱାରା ଦଣ୍ଡନୀୟ ।

ଉଚ୍ଚଶିକ୍ଷିତଙ୍କ ଦ୍ୱାରା ଭରଣପୋଷଣ ଦାବି ପ୍ରତି କୋର୍ଟଗୁଡ଼ିକ ଏବେ ଅଧିକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ମହିଳାମାନେ, ବିଶେଷକରି ବିବାହର ଅଳ୍ପ ଦିନ ପରେ ଅର୍ଥାତ ଏଇ ଜୁଲାଇରେ ବିବାହର ମାତ୍ର ୧୮ ମାସ ପରେ, ଜଣେ ଉଚ୍ଚଶିକ୍ଷିତ ମହିଳାଙ୍କ ବାର କୋଟି ଟଙ୍କା, ଏକ ବିଳାସପୂର୍ଣ୍ଣ ଫ୍ଲାଟ ଏବଂ ଏକ BMW କାର ଦାବିକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ । ସୁପ୍ରିମକୋର୍ଟ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ମହିଳା ଜଣକ ପୂର୍ବପୁରୁଷର ସମ୍ପତ୍ତି ଉପରେ କୌଣସି ଦାବି କରିପାରିବେ ନାହିଁ । ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ତାଙ୍କ ସ୍ୱାମୀଙ୍କ ପିତାଙ୍କ ସମ୍ପତ୍ତି ଉପରେ ମଧ୍ୟ କୌଣସି ଦାବି କରିପାରିବେ ନାହିଁ।

ଭରଣପୋଷଣ - ଯେଉଁ ମହିଳାମାନେ ସବୁ କ୍ଷେତ୍ରରେ ଅସମର୍ଥ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଭରଣପୋଷଣ ଉଦ୍ଦିଷ୍ଟ। ଏହା କାମ କରିବାପାଇଁ ଅନିଚ୍ଛୁକଙ୍କ ପାଇଁ ଏହା ପୁରସ୍କାର ନୁହେଁ। କୋର୍ଟ ଆହୁରି ମଧ୍ୟ କହିଛନ୍ତି, "ଏକ ଦକ୍ଷତା ସମ୍ପନ୍ନ ଏବଂ ଅଭିଜ୍ଞ ସୁଶିକ୍ଷିତ ପତ୍ନୀ କେବଳ ରକ୍ଷଣାବେକ୍ଷଣ ଦାବି କରିବା ପାଇଁ ନିଷ୍କ୍ରିୟ ହୋଇ ବସିପାରିବେ ନାହିଁ।" ଫେବୃଆରୀ, ୨୦୨୫ରେ, ଓଡ଼ିଶା ହାଇକୋର୍ଟ କହିଥିଲେ, 'ଆଇନ କେବେ ସେହି ସ୍ତ୍ରୀମାନଙ୍କୁ ପସନ୍ଦ କରେ ନାହିଁ, ଯେଉଁମାନେ କେବଳ ସ୍ୱାମୀଙ୍କ ଉପରେ ଭରଣପୋଷଣ ଦେବାର ଦାୟିତ୍ୱ ଲଦି ନିକମ୍ମା ହୋଇ ରୁହନ୍ତି ଏବଂ ଉପଯୁକ୍ତ ଏବଂ ଉଚ୍ଚ ଯୋଗ୍ୟତା ସତ୍ତ୍ୱେ କାମ ନ କରି କିମ୍ବା କାମ କରିବାକୁ ଚେଷ୍ଟା ନକରି ଅନ୍ୟ ଉପରେ ନିର୍ଭର କରନ୍ତି।

ଏହି ସଦ୍ୟତମ ନିଷ୍ପତ୍ତି ଏବଂ ନିର୍ଦ୍ଦେଶାବଳୀ ସମସ୍ତ ନାଗରିକଙ୍କୁ ଜାଣିବା ଏବଂ ବୁଝିବା ଉଚିତ। ଏଗୁଡ଼ିକ ସବୁ ଜାଣିବା ଉଚିତ ଯେ କେଉଁ ଫୋରମରେ ଜଣେ ମହିଳା କିମ୍ବା ପୁରୁଷ ନିଜର ବୈବାହିକ ବିବାଦରେ ନ୍ୟାୟ ପାଇଁ ପ୍ରଥମ ଆବେଦନ କରିଥାଏ? ଲିଙ୍ଗ, ଜାତି, ବିଶ୍ୱାସ, ଅର୍ଥଶକ୍ତି ଇତ୍ୟାଦି ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କର ନ୍ୟାୟ ପାଇବାର ସମାନ ଅଧିକାର ଅଛି।

ଅପରାଧିକ ଅଭିଯୋଗ ଭିତ୍ତିରେ ପ୍ରତ୍ୟେକ ବୈବାହିକ ବିବାଦକୁ, ବିଶେଷକରି ମାମଲାଗୁଡ଼ିକୁ ବିଚାର କରି ତୁରନ୍ତ ସମାଧାନ କରିବା ଉଚିତ। ଏପରିକି ଯେଉଁଠାରେ କୌଣସି ଶାରୀରିକ କ୍ଷତ ନାହିଁ, ତାକୁ ମଧ୍ୟ ନିରୁତ୍ସାହିତ କରିବା ଉଚିତ ନୁହେଁ। ହୁଏତ ଧ୍ୱଂସ ହେବାକୁ ଯାଉଥିବା ଏକ ବୈବାହିକ ଜୀବନ ଏବଂ ଏକ ପରିବାର ଏକ କୋମଳ ହସ୍ତକ୍ଷେପ ଦ୍ୱାରା ରକ୍ଷା କରାଯାଇପାରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ପ୍ରେମ

ବନଜା ବିଶ୍ୱାଳ



ଶୂନଶାନ୍ ରାତ୍ରି ଭଳି ନୀରବ ହୋଇଯିବା ପରେ,
ମୋ ଭିତରେ ଶୁଭୁଥିଲା ଏକ ନିଆରା ସଙ୍ଗୀତ।

ମଧୁରତା ଠାରୁ ଆହୁରି ମଧୁର ଗୁଞ୍ଜନ,
ଶାନ୍ତି ଆଉ ତୃପ୍ତି ଠାରୁ ଅଧିକ ଆନନ୍ଦ।

ନା କାହାକୁ ବାନ୍ଧି ରଖିବାର ପ୍ରୟାସ,
ନା ନିଜେ ବନ୍ଧା ପଡିବାର ଭୟ।

ପ୍ରେମ ସର୍ବଦା ତ ଏକ ମୁକ୍ତ ବିହଙ୍ଗ,
ଉଡ଼େ ଆଉ ଡେଣା ମେଲି ଉଡିବାକୁ ଦିଏ।


ପ୍ରେମ ଗାଏ ଶକ୍ତି ଆଉ ମୁକ୍ତିର ସଙ୍ଗୀତ,
ଆଲିଙ୍ଗନ କରେ ସେ ବିଶାଳ ଅସ୍ତିତ୍ୱ।

ଶୂନଶାନ୍ ନୀରବତାର ଜୀବନ୍ତ ତରଙ୍ଗକୁ,
ମନଭରି ଶୁଣିବାକୁ ମିଳିଯାଏ ନିଆରା ସୁଯୋଗ।


ଭାଣପୁର, ଗୋପାଳପୁର
କଟକ-୭୫୩୦୧୧
ମୋ-୮୧୪୪୫୫୭୪୬୧


## ବୋଉ ଏକ ଅଧା ଲେଖା ବହି

କବିତା ମହାନ୍ତି



କିଏ କହେ ବୋଉ ପାଇଁ ଲେଖିବା
ଭାରି ସହଜ କାଳେ!!!

'ମିଛ କହିଲେ ପାପ' ଲାଗିବ
ଏ କଥା କହୁଥିବା ବୋଉ
କେତେ ଯେ ମିଛ କହେ
ତାର ହିସାବ କାହିଁ !

କେତେ ବେଳେ ପୁଅର ନାଁ ଲେଖା ପାଇଁ
ନିଜ ବାହାଘର ଖଡୁ ବନ୍ଧା ପକାଇ କହୁଥାଏ
କୋଉ ଯାନି ଯାତରା ଯାଉଛି ଯେ
ଆଉ ଖଡୁ ପିନ୍ଧିବି !

ପିଲାଙ୍କ ପାଟିକୁ ଗୁଣ୍ଡେ ଗୁଣ୍ଡିଏ
ନିଜ ପଖାଳ କଂସାରୁ ଦେଲାବେଳେ କହେ
ନାଇଁ ବା, ମୁଁ ଖାଇ ସାରିଲିଣି
ଖାଲି ଖରା ମୁହଁ କରି ବସିଚି ନା
ମୋ ପେଟ ପୁରି ଯାଇଛି

ଝିଅଙ୍କୁ ତା ଶାଢ଼ି ପିନ୍ଧିବାକୁ ଦେଇ
କହୁଥାଏ
ଯିବା ଆସିବାକୁ ଦି ଖଣ୍ଡ ଲୁଗା ହେଲେ ଢେର୍
ତମେ ପିନ୍ଧିଲେ ମୋର ଖୁସି ନା !

ଝିଅକୁ ବରଷେ ହେବା ବେଳୁ
କଂସା ଥାଳି ଠାରୁ
ଗରା , ନନ୍ଦିଆ ଯାଏ
ଠାକୁର ବାସନ ଠାରୁ ପିଲିସଜ, ପାନ ବାକ୍ସ ଯାଏ
ସଜାଡି ଚାଲିଥାଏ ଦିନ ଦିନ ଧରି

ବାପା ତା ପାଇଁ ଆଣିଥିବା ନୂଆ ଚୁଡ, କଙ୍କଣକୁ
ଦିନେ ହାତରେ ନଲଗାଇ
ସାଇତି ରଖୁଥାଏ
ବାପାଙ୍କୁ ବି ମିଛ କହେ
ବାସନ ମାଜିଲେ ପାଣି ଲାଗି
ଗହଣା ଖରାପ ହୋଇଯିବ
ସିନ୍ଦୁକରେ ଥାଉ

ସତ କହିବାକୁ ଶିଖାଇ ଥିବା ବୋଉ
ଅହରହ ମିଛ କାହିଁକି କହୁଥାଏ ?

ସତରେ କ'ଣ ତାକୁ ବୁଝି ହୁଏ ?
ସତରେ କ'ଣ ତାକୁ ଜାଣି ହୁଏ ?
ସତରେ କ'ଣ ତାକୁ ଲେଖି ହୁଏ ?
ସତରେ କ'ଣ ତାକୁ ପଢ଼ି ହୁଏ?
ସେ ପରା ଏକ ଅଧା ଲେଖା ବହି


ନିଗମାନନ୍ଦ ନଗର
ବମିଖାଲ, ଭୁବନେଶ୍ୱର
ମୋ-୯୯୩୭୩୪୮୨୫୦


## କ୍ଲାନ୍ତ ଚକୋରୀ

ସୁଷମା ପରିଜା

ଜୀବନ ସାଗରେ ଭାସି ଯାଉଥିଲି ଯେବେ ଦିଗହରା ହୋଇ
କେଉଁ ଦେବତାର ଆଶୀଷରେ ତୁମେ ହାତଟି ଦେଲ ବଢାଇ
କେଉଁ ଭରସାରେ ସେଦିନ କାହିଁକି ଧରି ନେଲି ତୁମ ହାତ
ଭୟ ଲାଗିଲାନି ପ୍ରଖର ସୁଅର ପାଣି ସେ ଅକାତ କାତ ।।

ଛାଣି ଆଣିଥିଲ ଅଗାଧ ଜଳରୁ ତୁମ କଣ୍ଠଲଗ୍ନା କରି
ରାହା ସାହା ଦେଇ ଉଜ୍ଜ୍ୱଳ କରିଲ ଜୀବନ ପଥ ମୋହରି
ଶୁଷ୍କ ତରୁ ମୁହିଁ ପଲ୍ଲବିତ ହେଲି ତୁମରି ପରଶ ପାଇ
ବିବିଧ ବର୍ଣ୍ଣର ବର୍ଣ୍ଣାଳୀରେ ମୋ'ର ଜୀବନ ଦେଲ ସଜାଇ ।।

ମଳା ନଈ ମୁଁ ଯେ ପୂର୍ଣ୍ଣ ଗର୍ଭା ହେଲି ବିସ୍ତାରିତ ଦୁଇକୂଳ
ନିଥର ମରୁରେ ପ୍ରସ୍ରବିତ ହେଲା ଶତ ଶତ ମରୁଝର
କୁସୁମିତ ହେଲା ଚଲାପଥ ମୋ'ର ତୁମରି ପୁଣ୍ୟ ଆଶୀଷେ
ଭୂମିରୁ ଭୂମାକୁ ବ୍ୟାପ୍ତହେଲି ମୁଁ ଦୁର୍ବାର ଜୀଗୀଷାରେ ।।

ସବୁ ସୁଖ ଦେଇ ହଜିଗଲ କାହିଁ ଜୀବନର ପଥ ଧାରେ
ବିରହିଣୀ ମୁଁ ଯେ କ୍ଲାନ୍ତ ଚକୋରୀ ନିରବେ ତୁମକୁ ଝୁରେ ।।

## ଶାଢ଼ି

ସଂଯୁକ୍ତା ଦାଶ

ଶାଢ଼ି ତ ନୁହେଁ
ସୁଦୀର୍ଘ କବିତା ଏକ
ଲମ୍ବି ଯାଇଛି ସର୍ପିଳ ଗତିରେ
କେତେ ଛନ୍ଦ କେତେ ରାଗ
ଗଭାରୁ କଣ୍ଠ କଣ୍ଠରୁ କଟି କଟିରୁ ପାଦ ଦେଶ
ନାରୀ ପାଲଟି ଯାଉଛି କବିତାଟିଏ କ୍ରମଶଃ

ଶାଢ଼ି ନୁହେଁ
ସେ'ତ ସଭ୍ୟତାର ଅଭିଲେଖ
କେତେ କିମ୍ବଦନ୍ତୀ କାହାଣୀ ଇତିହାସ
କେତେ ବିବର୍ତ୍ତନ
ପରିଧାନ ଶୈଳୀର ନିତ୍ୟ ନୂତନ ପ୍ରୟାସ
ସେଦିନର କଷ୍ଟା ଖଦି ଲୁଗା ମଠା ପାଟ ମେଖଳା
ନାରୀର ପରିଧାନର ରୀତି ନୀତି ପରମ୍ପରାର ଯାତ୍ରା
ଅବ୍ୟାହତ ଆଜି ବି
କେତେ ରଙ୍ଗ କେତେ ରୂପର କାରିଗରୀ
ଜଡାଇ ହୋଇଛନ୍ତି ନାରୀ ଅବୟବରେ
ଯୁଗ ସହ ତାଳ ଦେଇ

ଗଢି ଚାଲିଛି ନିଜକୁ ଶାଢି
ସାମାଜିକ ଚାହିଦା ଆଉ
ନାରୀର ଆବଶ୍ୟକତାକୁ ନେଇ

ପ୍ରତିଟି ଶାଢି
ଏକ ଦୀର୍ଘ ଦସ୍ତାବିଜ
ଶ୍ରମ ସମୟ ଅର୍ଥର
ପ୍ରତିଟି ଧଡ଼ିର ଡାଳ ଲତା ଫୁଲ ତଳେ
ଉଙ୍କି ମାରେ ବୁଣାକାରର ଅସରନ୍ତି ଲହୁ ଲୁହ
ପ୍ରଶସ୍ତ କାନିରେ ଝରିପଡିଛି ବୁନ୍ଦା ବୁନ୍ଦା ସ୍ୱେଦ
ଖଣ୍ଡିଏ ଶାଢ଼ିରେ ଛପିଛି କେତେ ଭୋକ ଶୋଷ
କେତେ ଅତନ୍ଦ୍ର ଆଖିର ନିଦ

ଶାଢ଼ିତ ନୁହେଁ
ଜୀବନ୍ତ ସ୍ମୃତିଟିଏ
ଆଈର ମାଆର ଉତ୍ତରାଧିକାର
ପରିଣୟର କି ଚତୁର୍ଥୀ ରାତିର
ଜନ୍ମଦିନ କିମ୍ବା ବିବାହ ବାର୍ଷିକୀର
ସାକ୍ଷୀଟିଏ ସବୁ ସ୍ମରଣୀୟ ମୁହୂର୍ତ୍ତର
ସେ ବି ଶକ୍ତିଟିଏ
ବିଷାଦକୁ ଉଲ୍ଲାସରେ



ବିରକ୍ତିକୁ ଅନୁରାଗରେ ବଦଳାଇପାରେ
ନିଜ ଅନ୍ତରଙ୍ଗ ଉଷ୍ମତାରେ
ନାରୀର ଅଙ୍ଗରାଗ ଅସାମାନ୍ୟା କରିପାରେ
ନିଜ ଶୃଙ୍ଗାରର ଚମତ୍କାରିତାରେ

ସେଥିପାଇଁ ତ ନାରୀର ପ୍ରଥମ ପସନ୍ଦ ଶାଢ଼ି
ଥାଉ ପଛେ ସହସ୍ର ବିକଳ୍ପ
ତା ପରିଧାନର କୋଷାଗାରରେ ।।


ମୋ-୮୪୨୦୮୯୬୫୪୬


## ଖରା

ବିଜନବାଳା ପାଟଯୋଷୀ



ଏବେ କାଢ଼ି ଶୁଖେଇ ଥିଲି
ମହଣେ ଓଜନର ଶେଜ, ଓଦା ଚାଦର, ତକିଆ ଖୋଳ
ମୋ ପିନ୍ଧା ପାଟଶାଢି, ଟିକେ ଗମରା ମାରି ଆସୁଥିବା ଆଚାର
ନିଉଛଣିଆ ବର୍ଷା ତିନ୍ତେଇ ଦେଲା

କେତେ ମୋହ ସତେ ଜୀବନ ସାଉଁଳି ରଖିବାକୁ
ସାଇତା ସାଇତା ସବୁ ନୂଆ ପୁରୁଣା ସମ୍ପର୍କ ପରି
ଧୂଳି ଅଳନ୍ଧୁ ଉତାରି ପୋଛାପୋଛି କରି ଖରା ପାରିବାକୁ
ଫି ଥର ଅଳିନ୍ଦ ଭିତର ଅକୁହା କଥାକୁ ଆଉଥରେ ଭୋଗିବାକୁ

ଖରା ନ ହେଲା ସଂଜିବନୀ ମୋଦକ ପରା
ପରସ୍ତେ ଛାଇଗଲେ ସବୁଥିରେ ଭରିଯିବ ଅମୃତ ଶ୍ୱାସ
ଅଗଣାରେ ସୋରିଷ ଫୁଲିଆ ଖରା
ମୁଁ ଶୁଖେଇ ରଖିଥିଲି ଦେହରୁ କାଢ଼ି ହଳେ ଡେଣା
ସେ ଓଦା ହେଇଗଲା

ବେଶ୍ ଦିନ ହେଲାଣି ପରଖ କରି ନ ଥିଲି
ଝାଡ଼ି ନ ଥିଲି ଉତ୍ତାରି ନ ଥିଲି ପୁରୁଣା ପକ୍ଷୀସବୁକୁ
ପୁରୁଣାକୁ ନ ତେଜିଲେ ନୂଆ କୁଆଁ ଦେବ ବା କେମିତି
ସଳଖେଇବି କେମିତି ବେଳୁ ବେଳ ମସିଆ ହେଉଥିବା ଡେଣା

ନିଉଛଣିଆ ବର୍ଷା ହେଇ ହେଇ କରି ଡାଳୁଛି ବାଦରେ
ଯେମିତି କହୁଛି ସମୟ ହେଇନାହିଁ
ଆହୁରି ବାକି ପଡ଼ିଛି ଉଡାଣ ଉତାର ନାହିଁ ଡେଣା
ନେଇ ଚାଲ ଭିତରକୁ ହରେକ୍ ଜିଜିବିଷା
ଏବେ ନାହିଁ ଖରା


ଭୁବନେଶ୍ୱର


## ଫେରିବାଲା

ଡ଼. ଦୀପକ କୁମାର ମିଶ୍ର

ଫେରାର ଥିବା ରଫୁମରା ସ୍ୱପ୍ନମାନେ
ଘୁରି ଫେରି
ମୁଣ୍ଡରେ ଠେକା ଭିଡ଼ି, କୁହାଟ ଛାଡ଼ି
ବିକନ୍ତି ଅନେକ କିସମର ସାମାନ୍, ହରେକମାଲ୍,
ଯାହାର ଦାମ୍ ......!
ବିଶ୍ୱାସଠୁଁ ଢେର୍ ଶସ୍ତା,
ଆଉ ନିଶ୍ୱାସଠୁଁ ସାମାନ୍ୟ ମହଙ୍ଗା ।

ନିସ୍ତୁକ୍ ଖରାରେ,
ରାଜଧାନୀ ରାଜରାସ୍ତାରେ, ଗଳିକନ୍ଦି ଗାଁ ଦାଣ୍ଡରେ
ଛାମୁଣ୍ଡା ଖୋଜୁଥିବା ଝାଲୁଆ ଦେହକୁ
ଖେଜାଏ ଛାଇର ପାଉଣା ବୁଝାଇ
କିନ୍ଦିରି କିନ୍ଦିରି ବୁଲନ୍ତି ସେମାନେ
ଲୋହିତ ଲୁହଝରା ଝିପି ଝିପି ଅଦିନ ବର୍ଷାରେ ।

ଚକ, ଛକ, ଭୋକ
ସମାନ ସରଳରେଖାରେ ଛିଡ଼ାହେଲେ
ସୁନ୍ଦର ଦିଶେ ଅନଟନ
ପାକସ୍ଥଳୀ ବିରୁଦ୍ଧରେ
ଅନାସ୍ଥାପ୍ରସ୍ତାବ ଆଣୁଥିବା ଅବସନ୍ନ ପାଦ
ମୃତବତ୍ ଶୋଇଯାଏ ସୌଜନ୍ୟତାର ଶପ ପାରି
ଆଉ କାହା ଦଦରା ପିଣ୍ଡାରେ ।



ପାଞ୍ଚଟଙ୍କାର ଛାଞ୍ଚୁଣି ବିକିବାକୁ
ବିତିଯାଏ ଦିନ, ତିନ୍ତିଯାଏ ନୟନ
ସାଇକେଲ ପେଲିପେଲି ଗୁଡୁମ୍ ହୁଏ ଅକଲ୍
ହାରିଯାଏ ହୃଦୟ
ଭାଗ୍ୟରେ ଧୂଳି ଫିଙ୍ଗି
ଘୁଷୁରି ଘୁଷୁରି ଫେରିଆସେ ସଞ୍ଜ ସଙ୍ଗେ ଘର ।

ଗରମ ଲୁଣି ପାଣିରେ ଗଳା ସଫା କରି
ପୁଣି ଅପେକ୍ଷା କରେ ଏକ ଅଭିଶପ୍ତ ସକାଳକୁ
ଅନ୍ଧାଧୁନିଆଁ ରୁନ୍ଧିବାକୁ
ଆଜୀବନ ଭୁଆଁ ବୁଲାଉଥିବା
କୁହୁଡ଼ିକାପୂର୍ଣ୍ଣ ଭ୍ରାମ୍ୟମାଣ ଜୀବନର
ପେଟ୍ ପାଟ୍ ପକା ଦଦରା ଦିନମାନଙ୍କୁ ।


ଭୁବନେଶ୍ୱର
୮୨୮୦୨୧୧୦୦୦


## ରାଗ ଦୀପକ

ପୂରବୀ ଶତପଥୀ

ଜଣାନାହିଁ ମୋତେ
କବିତାଟିଏ ଲେଖିବାକୁ ହୁଏ କେମିତି ?

ପୂର୍ବରାଗର
ମିଳନର
ପ୍ରେମର
ବିରହର
ଉତ୍ତର ରାଗର.....

କେହି ଜଣେ ଭାସୁଥାଏ
ମୋର ପରିମଣ୍ଡଳରେ
ସ୍ମରଣ ମାତ୍ରକେ ତାର
ଓଠରେ ମୋ ଉକୁଟି ଉଠି
ମିଳେଇ ଯାଏ ଖିଏ ହସ

ସେ ପୁଣି ବଦଳି ଯାଏ ଲୁହରେ...
ଉଲ୍ଲାସରେ, ବିଦାୟରେ, ବିରହରେ...

ଦରଆଉଜା ଗୋଟେ କୋରଟ ଆଡ଼କୁ
ଦରବୁଜା ଦୁଇଟି କବାଟରେ ଡେଇଁ
ଧସେଇ ପଶେ ଏ ଯେଉଁ ଆବେଗ
ଦେହ ମୋର ରୋମାଞ୍ଚିତ
ଆବେଶେ ତା ଯେତେକ ବେପଥୁ ।

କା'ର ନଥିବାରେ
କାହାମୟ ସ୍ଥିତି ମୋର ?
ମୋ ମଣ୍ଡଳେ ଏ କେମିତିକା
ନଦୀହାର ତାରାଫୁଲ ପବନଝୁଲଣା !

ତମେ ଯଦି ଦେଖିପାର
ଦେଖ ତେବେ
ଗୁପ୍ତ ହୃଦସମ୍ପୁଟରେ
ଯେଉଁ ଦୀପଜ୍ୟୋତି
ଆମ ଦୁହିଁଙ୍କର ଉଜଳ 'କା' ର ଶିଖା
ସେ ତ ଖାଲି ଆମରି ପ୍ରତୀତି !

ମୁଁ ଆଉ କୋଉ ଏବେ କବିତା ଲେଖୁଛି !
ଖାଲି ଯାହା ମୋ ପ୍ରୀତିର ଦୀପଟିରେ
ତା' ସ୍ମୃତିର ଶିଖାଟି ତେଜୁଛି
ପତଙ୍ଗ ପରାୟେ ନିଜେ ଜଳୁଛି
ଆଉ ଜଳିବାକୁ ଭଲ ପାଉଛି ।


ଭୁବନେଶ୍ୱର


## ପଥକ୍ଲାନ୍ତ

ପଲ୍ଲବୀ ଦାସ

ଜୀବନ ଖାତାର ଶବ୍ଦସବୁ
ଶୋଇ ପଡିଛନ୍ତି କେତେବେଳୁ
ଉଠେଇବି ନାହିଁ, କ୍ଳାନ୍ତନିଦ
ଅତୀତର ସ୍ମୃତିସବୁ ଝରାପତ୍ର ପରି ମାଟିଉପରେ ।


ନିଜକୁ ପଚାରେ ମୁଁ
ପୂର୍ଣ୍ଣତା କେମିତି ମିଳେ ?
ଆଜିଯାଏଁ ପାଇଲାଣି କିଏ ?

ସେଇ ଶବ୍ଦମାନେ ହାଲିଆ
ଅବୁଝାକୁ ବୁଝେଇ ବୁଝେଇ ଥକିପଡିଛନ୍ତି ,
ରକ୍ତଛିଟା ମୋ' ଦେହସାରା
ବସୁଧା ବିବର୍ଣ୍ଣ, ଆକାଶ ବିଷର୍ଣ୍ଣ
ମୋ' ଜୀବନଖାତାର ବାକିଫର୍ଦ୍ଦସବୁ ଅଲେଖା ଅଛିଯେ' !

କ'ଣ ହେବ ଯେ' କାଲିକି ?
ଶୃଙ୍ଖଳାପତ୍ରସବୁ ତ ଜଳିପୋଡି ଯିବ
ଶବ୍ଦମାନେ ଆଗପରି ଚାଲିବେ ତ ମରୁପଥିକ ପରି ?
ଗୋଟେ ସଙ୍କଳ୍ପନେଇ ଚାଲିଥିଲେ ସେମାନେ
ପହଞ୍ଚିବେ ଲକ୍ଷ୍ୟସ୍ଥଳରେ
ଆଞ୍ଚୁଡା ଦାଗଟେ ନଥିବ କାହା ଦେହରେ
ପ୍ରତାରଣାର ପୋଡାଦାଗ ନଥିବ ଗୋଲାପ ପାଖୁଡାରେ ।

ନା , ଜମା ଡାକିବିନି ମୋ'ଶବ୍ଦମାନଙ୍କୁ
ଦ୍ରୋହ କରିବେ ବା କାହାକୁ ?
ପବନରେ ବି ବାରୁଦଗନ୍ଧ
ପ୍ରେମର ସୁଗନ୍ଧରାଜ ଫୁଟିବାକୁ ଅମଙ୍ଗ ।
ଏବେ ବି ଭାବୁଛି
ଆଉଟିକେ ସେମାନେ ବିଶ୍ରାମ ନିଅନ୍ତୁ
ହୁଏତ ନୀରବତା ବଦଳେଇ ପାରେ ହଣାକଟା ଘନଘଟା ।

ମୋ ଜୀବନଖାତା ଅଧା ରହିଗଲେ
ଏ ମାଟି ପ୍ରଶ୍ନ କରିବ ମୋତେ,
ନିଦେଇଥିବା ସ୍ୱପ୍ନମାନଙ୍କୁ ଉଠେଇଲେ
ଅତୀତର ଲୁହସ୍ମୃତି ଅଥୟ କରିବ ,
ବସୁଧା ସୁନ୍ଦରତା ହିଁ ମୋର ଜୀବନପୂର୍ଣ୍ଣତା
ଅଧାରେ ରହିଯିବନି ତ ମୋ ଶବ୍ଦଯାତ୍ରା ?




ଜୁନାଗଡ, କଳାହାଣ୍ଡି
ମୋ ୮୬୫୮୭୪୦୨୯୧

31 YEARS
ସମ୍ବାଦ କଳିକା



# ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି





**ନୂଆଦିଲ୍ଲୀ**

ସେପ୍ଟେମ୍ବର ୧୪ରେ ହେବାକୁ ଥିବା ଭାରତ-ପାକିସ୍ତାନ ଟି-୨୦ ମ୍ୟାଚ ବାତିଲ କରିବା ପାଇଁ ଦାୟର ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି, ମ୍ୟାଚ୍ ହେବାକୁ ଦିଅ । ଆମେ ଏହାକୁ ବନ୍ଦ କରିବୁ ନାହିଁ । ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅନ୍ୟାନ୍ୟ ଘଟଣାକୁ ଉଲ୍ଲେଖ କରି ୪ ଜଣ ଏଲଏଲବି ଛାତ୍ରଙ୍କ ଆବେଦନରେ ପାକିସ୍ତାନ ସହିତ ମ୍ୟାଚ୍‌କୁ ଜାତୀୟ ଭାବନାର ଉପହାସ ବୋଲି କୁହାଯାଇଥିଲା ।

ଗୁରୁବାର ସୁପ୍ରିମକୋର୍ଟକୁ ଆବେଦନ ଉପରେ ଜରୁରୀ ଶୁଣାଣି ପାଇଁ ଅନୁରୋଧ କରାଯାଇଥିଲା । ସେପ୍ଟେମ୍ବର ୧୪ ତାରିଖରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦୁବାଇରେ ଏସିଆ କପ୍ ଟି୨୦ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି । ଏହି ମାମଲା ବିଚାରପତି ଜେକେ ମାହେଶ୍ୱରୀ ଏବଂ ବିଚାରପତି ବିଜୟ ବିଷ୍ଣୋଇଙ୍କ ସମ୍ମୁଖରେ ରଖାଯାଇଥିଲା ।

ଆବେଦନକାରୀଙ୍କ ପକ୍ଷରୁ ଓକିଲ ଖଣ୍ଡପୀଠକୁ କହିଥିଲେ, ମ୍ୟାଚ୍ ରବିବାର ହେବାକୁ ଅଛି, ତେଣୁ ଆବେଦନ ଶୁକ୍ରବାର ତାଲିକାଭୁକ୍ତ କରାଯିବା ଉଚିତ । ଏହା ଉପରେ କୋର୍ଟ କହିଥିଲେ ଯେ, ଏହା ମ୍ୟାଚ ବନ୍ଦ ହେବ ନାହିଁ, ଏହାକୁ ହେବାକୁ ଦିଅ । ଓକିଲ ପୁଣି ଥରେ କୋର୍ଟକୁ ମାମଲା ତାଲିକାଭୁକ୍ତ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ କୋର୍ଟ ମନା କରିଦେଇଥିଲେ ।

# ସର୍ବାଧିକ ବଲ ବାକି ଥାଇ ଜିତିବାରେ ବିଶ୍ୱର ପ୍ରଥମ ଦଳ ହେଲା ଭାରତ

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ ଦଳ ୨୦୨୫ ଏସିଆ କପରେ ୟୁଏଇ ବିପକ୍ଷରେ ଏକ ଦୃଢ଼ ବିଜୟ ସହିତ ତା'ର ଯାତ୍ରା ଆରମ୍ଭ କରିଥିଲା । ଏହି ବିଜୟ ସହିତ, ଭାରତ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଏସିଆ କପ୍‌ରେ ସବୁଠାରୁ ବଡ଼ ବିଜୟ ହାସଲ କରିଛି ।

ୟୁଏଇ ଭାରତୀୟ ଦଳକୁ ବିଜୟ ପାଇଁ ୫୮ ରନର ଟାର୍ଗେଟ ଦେଇଥିଲା । ଅଭିଷେକ ଶର୍ମା, ଶୁବମନ ଗିଲ ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ, ଭାରତୀୟ ଦଳ ୪.୩ ଓଭରରେ ୧ ଉଇକେଟ ହରାଇ ୬୦ ରନ କରିଥିଲା ଏବଂ ୯ ଉଇକେଟରେ ମ୍ୟାଚ୍ ଜିତିଥିଲା । ଭାରତର ୯ ଉଇକେଟରେ ବିଜୟ ଏକ ରେକର୍ଡ ନୁହେଁ ।

ଭାରତୀୟ ଦଳ ୯୩ ବଲ ବାକି ଥାଇ ଲକ୍ଷ୍ୟ ହାସଲ କରିଥିଲା । ଏସିଆ କପ ଟି-୨୦ ଫର୍ମାଟରେ ଏତେ ବଲ ବାକି ଥାଇ କୌଣସି ଦଳ ଜିତିନାହିଁ । ଭାରତୀୟ ଦଳ ଏକ ପୂର୍ଣ୍ଣ ସଦସ୍ୟ ଦେଶ ଭାବରେ ଟି-୨୦ ଫର୍ମାଟରେ ଏସିଆ କପ୍‌ରେ ସର୍ବାଧିକ ବଲ ବାକି ଥାଇ ଜିତିବା ଦଳ ହୋଇଛି । ଭାରତୀୟ ଦଳ ସାମଗ୍ରିକ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛି । ଇଂଲଣ୍ଡ ପ୍ରଥମ ସ୍ଥାନରେ ଅଛି । ୨୦୨୪ରେ, ଇଂଲଣ୍ଡ ୧୦୧ ବଲ ବାକି ଥାଇ ଓମାନକୁ ପରାସ୍ତ କରିଥିଲା ।

ଭାରତୀୟ ଦଳର ବିସ୍ଫୋରକ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଅଭିଷେକ ଶର୍ମା ମଧ୍ୟ ଏକ ସ୍ୱତନ୍ତ୍ର ତାଲିକାରେ ପ୍ରବେଶ କରିଛନ୍ତି । ଅଭିଷେକ ଇନିଂସର ପ୍ରଥମ ବଲରେ ଛକା ମାରିବାରେ ଭାରତର ଚତୁର୍ଥ ବ୍ୟାଟ୍ସମ୍ୟାନ ହୋଇଥିଲେ । ଅଭିଷେକଙ୍କ ପୂର୍ବରୁ ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ସଞ୍ଜୁ ସାମସନ ଏହି ସଫଳତା ହାସଲ କରିଛନ୍ତି ।

ତେବେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଭାରତୀୟ ବୋଲରଙ୍କ ସମ୍ମୁଖରେ ୟୁଏଇ ୧୩.୧ ଓଭରରେ ମାତ୍ର ୫୭ ରନରେ ଅଲଆଉଟ ହୋଇଯାଇଥିଲା । ଆଲିଶାନ ଶରାଫୁ ସର୍ବାଧିକ ୨୨ ରନ କରିଥିଲେ । ସେହି ସମୟରେ ଅଧିନାୟକ ମହମ୍ମଦ ୱାସିମ ୧୯ ରନ କରିଥିଲେ । ଏହା ବ୍ୟତୀତ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ଏହା ଟି-୨୦ ଅନ୍ତର୍ଜାତୀୟ ସ୍ତରରେ ୟୁଏଇର ସର୍ବନିମ୍ନ ସ୍କୋର । ଭାରତ ପାଇଁ କୁଲଦୀପ ଯାଦବ ୪, ଶିବମ ଦୁବେ ୩ ଏବଂ ବୁମରା, ଅକ୍ଷର ଏବଂ ବରୁଣ ଚକ୍ରବର୍ତ୍ତୀ ୧-୧ ଉଇକେଟ ନେଇଥିଲେ ।

ଭାରତ ୪.୩ ଓଭରରେ ୫୮ ରନର ଲକ୍ଷ୍ୟ ହାସଲ କରିଥିଲା । ଅଭିଷେକ ଏବଂ ଗିଲ ପ୍ରଥମ ଉଇକେଟ ପାଇଁ ୩.୫ ଓଭରରେ ୪୮ ରନର ପାର୍ଟନରସିପ କରିଥିଲେ । ଏହି ସ୍କୋରରେ ଅଭିଷେକ ଶର୍ମା ୧୬ ବଲରେ ୩ ଛକା ଏବଂ ୨ ଚୌକା ସହାୟତାରେ ୩୦ ରନ କରି ଆଉଟ ହୋଇଥିଲେ । ତୃତୀୟ ନମ୍ବରରେ ଆସିଥିବା ସୂର୍ଯ୍ୟକୁମାର ଯାଦବ ଗିଲ ସହିତ ମିଶି ଭାରତକୁ ୯ ଉଇକେଟ୍‌ରେ ବିଜୟୀ କରିଥିଲେ । ଭାରତ ୪.୩ ଓଭରରେ ୧ ଉଇକେଟ୍‌ରେ ୬୦ ରନ କରି ୯ ଉଇକେଟ୍‌ରେ ମ୍ୟାଚ ଜିତିଥିଲା । ଗିଲ ୯ ବଲ୍ ୨୦ ରନ କରି ଅପରାଜିତ ରହିଥିଲେ । ସୂର୍ଯ୍ୟ ୨ ବଲ୍‌ରେ ୭ ରନ କରି ଅପରାଜିତ ରହିଥିଲେ ।

## ୧୪ତମ ଜାତୀୟ ଭୋଭିନାମ ମାର୍ଶାଲ ଆର୍ଟ ଚାମ୍ପିଅନସିପ

# ୩ ଯୁବ କ୍ରୀଡ଼ାବିତ୍ ୨ ସ୍ୱର୍ଣ୍ଣ ଓ ୩ ରୌପ୍ୟ ଜିତି ରାଜ୍ୟ ପୋଲିସର ଗୌରବ ବଢ଼ାଇଲେ



**ନୂଆଦିଲ୍ଲୀ**

ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିବା ୧୪ତମ ଜାତୀୟ ଭୋଭିନାମ ମାର୍ଶାଲ ଆର୍ଟ ଚାମ୍ପିଅନସିପ ୨୦୨୫ରେ ଓଡ଼ିଶା ପୋଲିସର ୩ ଜଣ ଯୁବ କ୍ରୀଡ଼ାବିତ (୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ) ବିଜୟୀ ହୋଇ ରାଜ୍ୟ ପୋଲିସକୁ ଗୌରବାନ୍ୱିତ କରିଛନ୍ତି ।

ଓ । ଇ ଏ ସ ଏ ଫ , ଭୁବନେଶ୍ୱରରେ କାର୍ଯ୍ୟରତ କନଷ୍ଟେବଳ ବର୍ଷା ନାଥ ଭୋଭିନାମ ମାର୍ସଲ ଆର୍ଟ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେହିପରି କନଷ୍ଟେବଳ ବିଶ୍ୱଜିତ ରାଉତ ୮୧ କେଜି ବର୍ଗରୁ ଅଧିକ ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ବରିଷ୍ଠ ବିଭାଗରେ ୧ଟି ସ୍ୱର୍ଣ୍ଣ ଏବଂ ଅସି ଚାଳନା ବିଭାଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । କନଷ୍ଟେବଳ ଦିବ୍ୟରଞ୍ଜନ ଦଳାଇ ୯୫ କେଜିରୁ ଅଧିକ ବର୍ଗ ଭୋଭିନାମ ମାର୍ସଲ ଆର୍ଟ ସିନିଅର ବିଭାଗରେ ୧ଟି ରୌପ୍ୟ ଏବଂ କାଟା ( କରାଟେ)ରେ ୧ଟି ରୌପ୍ୟ ପଦକ ହାସଲ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛନ୍ତି ।

କ୍ରୀଡ଼ାବିତଙ୍କ ଏହି ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ନେଇ ଭବିଷ୍ୟବାଣୀ କଲେ କିପଲ ଦେବ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ କପିଲ ଦେବଙ୍କ ଭବିଷ୍ୟବାଣୀ ଚର୍ଚ୍ଚାରେ ରହିଛି । ରବିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ସମ୍ପର୍କିତ ପ୍ରଶ୍ନରେ ପୂର୍ବତନ ଅଧିନାୟକ କପିଲ ଦେବ କହିଛନ୍ତି, 'ଖେଳାଳିମାନଙ୍କର କାମ କେବଳ ଖେଳିବା । ସେମାନଙ୍କୁ କିଛି କହିବାର ଆବଶ୍ୟକତା ନାହିଁ । ସେମାନେ ଖେଳିବାକୁ ଯାଇଛନ୍ତି । ଜିତିକି ଫେରି ଆସନ୍ତୁ, ଯାହା କିଛି କହିବାକୁ କିମ୍ବା କରିବାକୁ ପଡ଼ିବ, ସରକାର ନିଜ ସ୍ତରରେ କରୁଛନ୍ତି ।'

ଭାରତ ଏବଂ ପାକିସ୍ତାନ ମଧ୍ୟରେ ରବିବାର ଏସିଆ କପ୍ ୨୦୨୫ର ଲିଗ୍ ମ୍ୟାଚ୍ ଖେଳାଯିବ । ଏହାପରେ ଉଭୟ ଦଳ ୨୧ସେପ୍ଟେମ୍ବରରେ ଫାଇନାଲରେ ମଧ୍ୟ ପରସ୍ପର ସହିତ ମୁହାଁମୁହିଁ ହୋଇପାରନ୍ତି । ବର୍ତ୍ତମାନ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଦେଶରେ ପ୍ରତିବାଦର ସ୍ୱର ଉଠିବାରେ ଲାଗିଛି । ଦେଶର ଅନେକ ସାମାଜିକ ଏବଂ ରାଜନୈତିକ ସଂଗଠନ ଏହି ମ୍ୟାଚ୍‌କୁ ବିରୋଧ କରିଛନ୍ତି ।

ମନୋଜ ତିୱାରୀଙ୍କ ପରି ଅନେକ ପୂର୍ବତନ କ୍ରିକେଟର ମଧ୍ୟ ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ପ୍ରଶ୍ନ ଉଠାଇଛନ୍ତି । ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ୨୦୨୫ ସମୟରେ, ପୂର୍ବତନ ଭାରତୀୟ କିମ୍ବଦନ୍ତୀମାନେ ପାକିସ୍ତାନ ସହିତ ଖେଳିବାକୁ ମନା କରିଥିଲେ । ଏସିଆ କପ୍ ଆରମ୍ଭ ହେବା ପୂର୍ବରୁ, ଭାରତ ସରକାର ସ୍ପଷ୍ଟ କରିଥିଲେ ଯେ ପାକିସ୍ତାନ ସହିତ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳାଯିବ ନାହିଁ, ଉଭୟ ଦଳ କେବଳ ଆଇସିସି ଏବଂ ଏସିସି ଟୁର୍ଣ୍ଣାମେଣ୍ଟରେ ଏକାଠି ଖେଳିବେ ।

# ଏସିଆ କପ୍ ମଝିରେ ଅବସର ନେଲେ ୱାକାସ ମକସୁଦ

**ନୂଆଦିଲ୍ଲୀ**

ଏସିଆ କପ ମଧ୍ୟରେ ପାକିସ୍ତାନୀ କ୍ରିକେଟରଙ୍କ ଅବସର ଧାରା ଜାରି ରହିଛି । ମାତ୍ର ୨ ଦିନ ପୂର୍ବରୁ ଦ୍ରୁତ ବୋଲର ଉସମାନ ଶିନୱାରୀ ତାଙ୍କର ଅବସର ଘୋଷଣା କରିଥିଲେ । ଏବେ ଆଉ ଜଣେ ଦ୍ରୁତ ବୋଲର ୱାକାସ ମକସୁଦ ୩୭ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି । ସେ ପାକିସ୍ତାନ ପାଇଁ କେବଳ ଗୋଟିଏ ଟି୨୦ ମ୍ୟାଚ ଖେଳିଥିଲେ, ଯାହା ୨୦୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ହୋଇଥିଲା । ୱାକାସ ମକସୁଦ ପାକିସ୍ତାନ ପାଇଁ କେବଳ ଗୋଟିଏ ଟି୨୦ ମ୍ୟାଚ ଖେଳିଥିଲେ । ଦୁବାଇରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସେହି ମ୍ୟାଚରେ, ମକସୁଦ ୧.୫ ଓଭର ବୋଲିଂ କରିଥିଲେ ଏବଂ ୨ ଉଇକେଟ୍ ନେଇଥିଲେ । ସେ ପାକିସ୍ତାନ ପାଇଁ ଟି୨୦ ଫର୍ମାଟରେ ଡେବ୍ୟୁ କରିଥିବା ୮୦ତମ ଖେଳାଳି ହୋଇଥିଲେ । ସେହି ମ୍ୟାଚରେ, ସେ ଲକି ଫର୍ଗୁସନ ଏବଂ ସେଥ ରାନ୍ସଙ୍କୁ ମାତ୍ର ୫ ବଲ ମଧ୍ୟରେ ଆଉଟ କରିଥିଲେ ।

ଫୈସଲାବାଦରେ ଜନ୍ମିତ, ୱାକାସ ମକସୁଦ ତାଙ୍କ ଘରୋଇ କ୍ୟାରିୟରରେ ବହୁତ ପରିଚିତି ପାଇଥିଲେ, ଯାହା ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିଲା । ସେ ୮୧ ପ୍ରଥମ ଶ୍ରେଣୀ ମ୍ୟାଚରେ ୨୯୪ ଉଇକେଟ୍ ନେଇଥିଲେ । ତାଙ୍କର ଲିଷ୍ଟ-ଏ କ୍ୟାରିୟରରେ ମଧ୍ୟ ଏକ ଭଲ ସଫଳତା ଥିଲା, ଯେଉଁଠାରେ ସେ ୫୬ ମ୍ୟାଚ ରେ ୮୭ ଉଇକେଟ୍ ନେଇଥିଲେ । ତାଙ୍କର ୬୮ ଟି-୨୦ ମ୍ୟାଚ ଖେଳି ୭୭ ଉଇକେଟ୍ ରହିଛି ।

# ପାକିସ୍ତାନ ସ୍ପିନର ଶଦାବ ଖାନଙ୍କୁ ପଛରେ ପକାଇଲେ କୁଲଦୀପ ଯାଦବ

**ନୂଆଦିଲ୍ଲୀ**



ଏସିଆ କପ ୨୦୨୫ର ପ୍ରଥମ ମ୍ୟାଚ୍‌ରେ ଜଲୱା ଦେଖାଇଛନ୍ତି ଭାରତର ଚାଇନାମ୍ୟାନ କୁଲଦୀପ ଯାଦବ । ଦୁବାଇରେ ଖେଳା ଯାଇଥିବା ୟୁଏଇ ବିପକ୍ଷ ମ୍ୟାଚ୍‌ରେ କୁଲଦୀପ କମାଲ କରିଛନ୍ତି । ବାମହାତୀ କଚଟି ସ୍ପିନର କୁଲଦୀପ ୨.୧ ଓଭରରେ ମାତ୍ର ୭ ରନ ଦେଇ ୪ ୱିକେଟ ଦଖଲ କରିଛନ୍ତି । କୁଲଦୀପ ଗୋଟିଏ ଓଭରରେ ୩ ୱିକେଟ ମଧ୍ୟ ନେଇଥିଲେ । ତାଙ୍କ ଘାତକ ବୋଲିଂ ଯୋଗୁ ୟୁଏଇର ବ୍ୟାଟିଂ ଲାଇନ ଅପ ତାସର ଘର ଭଳି ଭୁଶୁଡ଼ି ପଡ଼ିଥିଲା ।

ମାତ୍ର ୧୩ଟି ବଲର ସ୍ପେଲରେ କୁଲଦୀପଙ୍କୁ ମିଳିଛି ୪ଟି ୱିକେଟ । ଏହି ସଫଳତା ପରେ ଏସିଆ କପ୍‌ରେ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି କୁଲଦୀପ । ଯଦିଓ କୁଲଦୀପ ଏସିଆ କପର ଟି-୨୦ ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବୋଲରଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି, କିନ୍ତୁ ସେ ସବୁଠାରୁ କମ୍ ବଲରେ ୪ ୱିକେଟ ଦଖଲ କରିବା ତାଲିକାର ୧ନଂରେ ପହଞ୍ଚି ଯାଇଛନ୍ତି । କୁଲଦୀପ ପାକିସ୍ତାନର ସ୍ପିନର ଶଦାବ ଖାନଙ୍କୁ ପଛରେ ପକାଇ ଦେଇଛନ୍ତି । ୨୦୨୨ ଏସିଆ କପରେ ଶଦାବ ଖାନ ୪ ୱିକେଟ ଦଖଲ କରିବାକୁ ୧୭ଟି ବଲ ବୋଲିଂ କରିଥିଲେ । ହଂକଂ ବିପକ୍ଷରେ ସେ ୧୭ଟି ବଲରେ ୪ଟି ୱିକେଟ ନେଇଥିଲେ । କିନ୍ତୁ କୁଲଦୀପ ୧୩ ବଲରେ ୪ଟି ୱିକେଟ ନେଇ ଶଦାବ ଖାନଙ୍କୁ ପଛରେ ପକାଇ ଦେଇଛନ୍ତି ।

ବୁଧବାର ଖେଳା ଯାଇଥିବା ମ୍ୟାଚ୍‌ରେ କୁଲଦୀପ ଯାଦବ ୟୁଏଇର ୭ମ ଓଭରରେ ବୋଲିଂ କରିବାକୁ ଆସିଥିଲେ । ସେ ଏହି ଓଭରରେ ମାତ୍ର ୪ ରନ ଦେଇଥିଲେ । କିନ୍ତୁ ପରବର୍ତ୍ତୀ ଓଭରରେ ସେ ନିଜର ଯାଦୁ ଦେଖାଇଥିଲେ । ଏହି ଓଭରରେ ସେ ୩ଟି ୱିକେଟ ନେବା ସହ କେବଳ ୩ ରନ ଦେଇଥିଲେ । ନିଜର ଦ୍ୱିତୀୟ ଓଭରରେ କୁଲଦୀପ ପ୍ରଥମେ ରାହୁଲ ଚୋପ୍ରା ଓ ପରେ ୟୁଏଇର ଅଧିନାୟକ ମହମ୍ମଦ ୱାସିମଙ୍କୁ ପ୍ୟାଭିଲିୟନ ପଠାଇଥିଲେ । ଏହାପରେ ସେ ହର୍ଷିତ କୌଶିକଙ୍କୁ କ୍ଲିନବୋଲ୍ଡ କରିଥିଲେ । ତାଙ୍କ ଗୁଗଲିକୁ ପଢ଼ିବାରେ ସକ୍ଷମ ହୋଇ ନଥିଲେ କୌଶିକ । କିଛି ସମୟର ବିରତି ପରେ କୁଲଦୀପ ନିଜର ତୃତୀୟ ଓଭର ନେଇ ଆସିଥିଲେ । ଆଉ ପ୍ରଥମ ବଲରେ ହାଇଦର ଅଲୀଙ୍କୁ ଆଉଟ କରି ୟୁଏଇ ଇନିଂସରେ ପୂର୍ଣ୍ଣଛେଦ ଟାଣିଥିଲେ । ୟୁଏଇ ୧୩.୧ ଓଭରରେ ମାତ୍ର ୫୭ ରନ କରି ଅଲଆଉଟ ହୋଇ ଯାଇଥିଲା । ଭାରତ ୪.୩ ଓଭରରେ ୧ ୱିକେଟ ହରାଇ ଧାର୍ଯ୍ୟ ଟାର୍ଗେଟକୁ ହାସଲ କରି ନେଇଥିଲା । ଦମ୍‌ଦାର ପ୍ରଦର୍ଶନ ପାଇଁ କୁଲଦୀପଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଥିଲା ।

# ଭାରତ-ପାକିସ୍ତାନ ମ୍ୟାଚ ପାଇଁ ବିକ୍ରି ହୋଇପାରୁନି ଟିକେଟ

**ନୂଆଦିଲ୍ଲୀ**

୧୪ ସେପ୍ଟେମ୍ବର, ରବିବାର ଦିନ, ଏସିଆ କପରେ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ଖେଳାଯିବ । ସାଧାରଣତଃ, ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ଟିକେଟ୍ କିଛି ଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଏ, କିନ୍ତୁ ଏହା ଦେଖାଯାଉଛି ଯେ ୧୪ ସେପ୍ଟେମ୍ବରରେ ହେବାକୁ ଥିବା ମ୍ୟାଚ୍ ପାଇଁ ପ୍ରଶଂସକଙ୍କ ମଧ୍ୟରେ କୌଣସି କ୍ରେଜ୍ ନାହିଁ । ଏହି ମ୍ୟାଚ୍‌ର ସମସ୍ତ ଟିକେଟ୍ ଏପର୍ଯ୍ୟନ୍ତ ବିକ୍ରି ହୋଇନାହିଁ, ଏହାର ମୁଖ୍ୟ କାରଣ ହେଉଛି ଟିକେଟ୍ ମୂଲ୍ୟ । ୨ଟି ଟିକେଟ୍ କିଣିବା ପାଇଁ ଲୋକଙ୍କୁ ୨.୫ ଲକ୍ଷ ଟଙ୍କା ଦେବାକୁ ପଡୁଛି । ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଅଧିକ ଟିକେଟ୍ ମୂଲ୍ୟ ବିକ୍ରୟକୁ ପ୍ରଭାବିତ କରିଛି । ଦୁଇଟି ଭିଆଇପି ଟିକେଟ୍ ମୂଲ୍ୟ ୨.୫ ଲକ୍ଷ ଟଙ୍କା । ଏହି ଟିକେଟ୍ କିଣିବା ସମୟରେ, ଆପଣଙ୍କୁ ଖାଦ୍ୟ ଏବଂ ପାନୀୟ ମିଳିବ । ଏହି ଟିକେଟ୍ କିଣିବା ସମୟରେ, ଆପଣଙ୍କୁ ପାର୍କିଂ ପାସ୍, ଭିଆଇପି ଲାଉଞ୍ଜ ଏବଂ ଶୌଚାଳୟ ସୁବିଧା ମଧ୍ୟ ମିଳିବ । ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ରୟାଲ୍ ବକ୍ସରେ ଟିକେଟ୍ ମୂଲ୍ୟ ୨.୩ ଲକ୍ଷ ଟଙ୍କା, ସ୍କାଏ ବକ୍ସ ପାଇଁ ଆପଣଙ୍କୁ ୧.୬ ଲକ୍ଷ ଟଙ୍କା ଦେବାକୁ ପଡିବ । ପ୍ଲାଟିନମ ଟିକେଟ୍ ମୂଲ୍ୟ ମଧ୍ୟ ଆକାଶ ଛୁଆଁ, ଯାହା ୭୫,୬୫୯ ଟଙ୍କାରେ ଉପଲବ୍ଧ । ସବୁଠାରୁ ଶସ୍ତା ଟିକେଟ ବିଷୟରେ କହିବାକୁ ଗଲେ, ଦୁଇଟି ସିଟ୍ ବୁକ୍ କରିବା ପାଇଁ ଆପଣଙ୍କୁ ପ୍ରାୟ ୧୦,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ତେବେ ଏନେଇ ଏମିରେଟ୍ସ କ୍ରିକେଟ୍ ବୋର୍ଡର ଜଣେ ଅଧିକାରୀ କହିଛନ୍ତି ଯେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ଟିକେଟ୍ କମ୍ ବିକ୍ରି ହେବା ସମସ୍ତ ଅଧିକାରୀଙ୍କୁ ଆଶ୍ଚର୍ଯ୍ୟ କରିଛି । ସେ କହିଛନ୍ତି ଯେ ଚାମ୍ପିଅନ୍ସ ଟ୍ରଫି ପାଇଁ ଟିକେଟ୍ ମାତ୍ର ୪ ମିନିଟ୍ ମଧ୍ୟରେ ବିକ୍ରି ହୋଇଥିଲା, କିନ୍ତୁ ଏଥର ପରିସ୍ଥିତି ବହୁତ ଖରାପ । ଅଧିକାରୀ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ କମ ଟିକେଟ ବିକ୍ରି ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅନୁପସ୍ଥିତି ହେତୁ ହୋଇପାରେ ।

# ନବକାକଳିର ମାସିକ କବିତା ଆସର

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁର ବ୍ଲକ ମୁଦୁପୁରୁ ପଞ୍ଚାୟତ କନ୍ତାର ଗ୍ରାମରେ କେଳି କାଞ୍ଚନ ରତ୍ନାକର ପାଠାଗାରରେ ନବକାକଳି ସାହିତ୍ୟ-ସଂସ୍କୃତି-ଆଧ୍ୟାତ୍ମିକ ପତ୍ରିକା ସୌଜନ୍ୟରୁ ମାସିକ ଭକ୍ତି କବିତା ଆସର ନବକାକଳିର ସମ୍ପାଦକ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ପତ୍ରିକାର ପରିଚାଳନା ସମ୍ପାଦିକା ମନୋରମା ଦାଶ ଏବଂ ସହ ସମ୍ପାଦକ ଶିକ୍ଷାବିତ ଶିଶିର କୁମାର ତ୍ରିପାଠୀ ପ୍ରମୁଖ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ପୋକପୁର ମଠର ମଠାଧିଶ ମହନ୍ତ ତ୍ରିଲୋଚନ ଦାସ ମହାରାଜ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସୁରେନ୍ଦ୍ର ନାଥ ଦାଶ ଶର୍ମା, ବରେଣ୍ୟ ଅତିଥି ଭାଗବତ ଗବେଷକ ଜ୍ଞାନ ରଞ୍ଜନ ସ୍ୱାଇଁ, ଜଗତସିଂହପୁର ସାହିତ୍ୟ ପରିଷଦର ସମ୍ପାଦକ ଉମାକାନ୍ତ ନାୟକ, ପରିଷଦର ପ୍ରତିଷ୍ଠାତା କବି ଅଜୟ କୁମାର ବେହେରା ଓ ଗଙ୍ଗୋତ୍ରୀର ସମ୍ପାଦକ କୈଳାଶ ଚନ୍ଦ୍ର ପ୍ରଧାନ ଭାଗବତ ଓଡ଼ିଆ ଜନ ଜୀବନର ପ୍ରାଣ କେନ୍ଦ୍ର ବୋଲି ମତ ବ୍ୟକ୍ତ କରିଥିଲେ । କଳ୍ପନା ବିଶ୍ୱାଳ ଏବଂ ସବ୍ୟସାଚୀ ତ୍ରିପାଠୀଙ୍କ ସଂଯୋଜନାରେ ୩୧ ଜଣ କବି କବିୟତ୍ରୀ ସ୍ୱରଚିତ ଭକ୍ତିରସାତ୍ମକ କବିତା ପାଠ କରିଥିଲେ । କବି ପୁରୁଷୋତ୍ତମ ଦାସ, ଗଣେଶ ମହାନ୍ତି, ଶେଷଦେବ ଛୋଟରାୟ, ମାତୃପ୍ରସାଦ ଶତ୍ରୁଜିତ, ନୀଳକଣ୍ଠ ମିଶ୍ର, ଶିଶିର କୁମାର ତ୍ରିପାଠୀ, ପରୀକ୍ଷିତ ମହାନ୍ତି, ବଂଶୀଧର ବେହେରା, ହୃଦାନନ୍ଦ ବାରିକ ପ୍ରମୁଖଙ୍କ କବିତା ଉଚ୍ଚ କୋଟିର ହୋଇଥିଲା ବୋଲି ମତ ପ୍ରକାଶ ପାଇଥିଲା । ଶେଷରେ କବି ଉମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଲେ ସାଂସଦ

**ବାଲେଶ୍ୱର, ନ୍ୟୁଜ୍**



କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କୁ ତାଙ୍କ ବାସଭବନରେ ଭେଟି ଇଷ୍ଟ କୋଷ୍ଟ କେନାଲର ପୁନଃରୁଦ୍ଧାର ପାଇଁ ଦାବି ଉପସ୍ଥାପନ କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଏ ବାବଦରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ପୂର୍ବରୁ ଉପସ୍ଥାପନ କରିଥିବା ଦାବି ସମ୍ବଳିତ ସମସ୍ତ ଚିଠିପତ୍ର ସହିତ ଆଉ ଗୋଟିଏ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ସେ କୋଷ୍ଟ କେନାଲର ଐତିହାସିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଗୁରୁତ୍ୱ ସଂପର୍କରେ କେନ୍ଦ୍ରମନ୍ତ୍ରୀର ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରଥମ ଥର ପାଇଁ ମନ୍ତ୍ରୀ ଶ୍ରୀ ସୋନୱାଲ ଏହି ପ୍ରକଳ୍ପ କାମ ନିଶ୍ଚୟ ହେବ ବୋଲି କହିବା ସହିତ ଆସନ୍ତା ୧୫ ଦିନ ଭିତରେ ସର୍ଭେ ଟିମ୍ ବାଲେଶ୍ୱର ଯାଇ ସମଗ୍ର ଅଞ୍ଚଳର ସର୍ଭେ କରି ଯଥା ଶୀଘ୍ର ରିପୋର୍ଟ ଦେବେ । ତା'ପରେ ଯେତେ ଶୀଘ୍ର ସମ୍ଭବ କାମ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି । ଏହା ଦ୍ୱାରା ଜଳପଥରେ ପରିବହନ, ଜଳସେଚନ, ବନ୍ୟା ନିୟନ୍ତ୍ରଣ, ମାଛ ଚାଷ, ପର୍ଯ୍ୟଟନ ଓ ବିଦ୍ୟୁତ ଉତ୍ପାଦନ ଆଦି ନାନା କାମରେ ବ୍ୟବହାର କରାଯାଇ ପାରିବ । ଏଥିପାଇଁ ମନ୍ତ୍ରୀଙ୍କୁ ବାଲେଶ୍ୱର ପକ୍ଷରୁ ସାଂସଦ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ବରଗଡ଼ରେ ଘନଉଛି ଜବର ଦଖଲ ଉଚ୍ଛେଦ ବିବାଦ

## ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ୍ ପର୍ଯ୍ୟନ୍ତ ଜବର ଦଖଲ ଉଛେଦ ତୁରନ୍ତ ହେଉ : ବରଗଡ଼ ନାଗରିକ ମଞ୍ଚ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡରେ ଜବର ଦଖଲ ଉଛେଦ ପ୍ରସଙ୍ଗ ଚର୍ଚ୍ଚା ଏବେ ଜୋର ଧରିଛି, ଲେଙ୍ଗୁ ମିଶ୍ର ଛକରୁ ଥାନା ଛକ ମଧ୍ୟରେ ଥିବା ବଡ଼ ବଡ଼ କୋଠା, ବିଲ୍ଡିଂ, ମାର୍କେଟ କମ୍ପ୍ଲେକ୍ସକୁ ଜିଲ୍ଲା ପ୍ରଶାସନ ଉଛେଦ କରିବାରେ ସଫଳ ହୋଇଥିବା ବେଳେ ବହୁ ପ୍ରତିକ୍ଷୀତ ବରଗଡ଼ର ଜନଗହଳି ରାସ୍ତା ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ୍ ପର୍ଯ୍ୟନ୍ତ ପ୍ରଶାସନ ଜବର ଦଖଲ ଉଚ୍ଛେଦ ତୁରନ୍ତ କରୁ ବୋଲି ବରଗଡ଼ ନାଗରିକ ମଞ୍ଚ ଦାବି କରିବା ସହ ପ୍ରତିବାଦ କରିଛି । ମଙ୍ଗଳବାର ଲେଙ୍ଗୁ ମିଶ୍ର ଛକ ଠାରେ ଏହି ପ୍ରତିବାଦ ସଭାରେ ଅନେକ ସାମାଜିକ ସଂଗଠନ ଯୋଗ ଦେଇ ବରଗଡ଼ର ବୃହତ୍ତର ସ୍ୱାର୍ଥକୁ ପୂରଣ କରାଯାଉ ବୋଲି କହିଥିଲେ । ଗୋଟିଏ ପଟେ ସୌନ୍ଦର୍ଯ୍ୟକରଣ ଆଳରେ ଜବର ଦଖଲ ଉଚ୍ଛେଦକୁ ପ୍ରଶାସନ ତ୍ୱରାନ୍ୱିତ କରିଥିବା ବେଳେ ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ୍ ରାସ୍ତାକୁ କାହିଁକି ଅଣଦେଖା କରୁଛି ବୋଲି ନାଗରିକ ମଞ୍ଚର ସଭାପତି ଭୀଷ୍ମଦେବ ସରାଫ ଅଭିଯୋଗ କରିଛନ୍ତି ଓ ତୁରନ୍ତ ଉଚ୍ଛେଦ କାର୍ଯ୍ୟ କରାଯାଉ ବୋଲି ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ, ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ଆଇନ ଜୀବୀ ରମେଶ ପତି, ବୀରେନ୍ଦ୍ର ପ୍ରଧାନ, ସୁଶାନ୍ତ ସାହୁ, ଅଶ୍ୱିନୀ ସରାଫ, ନିଖିଳ ପାଣିଗ୍ରାହୀ, ମାମୁଲୁ ମହାପାତ୍ର, ଶୟନ ପଣ୍ଡା, ବିମଳ ସିକ୍କା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

MM-187

**Government of Odisha,**
**Forest, Environment & Climate Change Department**
**Office of the Divisional Forest Officer, Chilika Wildlife Division, Balugaon,**
**Email: - dfo.chilikawl@odisha.gov.in**
**Bid Identification No. 04 /2025-26**
**(SHORT TENDER NOTICE)**

1. Divisional Forest Officer Chilika Wildlife Division, Balugaon, on behalf of Governor of Odisha invite percentage rate bids in Single Cover for the Construction works as detailed in the table, from the class of eligible contractors as mentioned in column – 6 below registered with State Government/Central Government / MES / Railways having valid license from competent authority for execution of works as detailed below.
2. The bidders may submit bid for the following works.

| Sl. No. | Name of the work | Approximate value of work (in Rs.) | Concerned Tender Inviting Authority | Cost of bid document through D.D (in Rs.)(Non-refundable) | Class of Contractor | Period of Completion. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Forest Guard quarter at Parikuda WL Section office in Balugaon WL Range under Chilika Wildlife Division. | 23,35,600/- | DFO, Chilika Wildlife Division Balugaon | 6,000/- | "D" & "C" | 04 (Four calendar month) |

3. Bid documents will be available in website : www.odishaforest.in and https://wildlife.odisha.gov.in. The last date of submission of bids is 26.09.2025 upto 3 pm in the office of the DFO, Chilika WL Division, Balugaon and it will be opened on the same day i.e 26.09.2025 at 4PM.

Sd/- Divisional Forest Officer
Cilika Wildlife Division

OIPR-08015/11/0013/2526

# ଦାଦନ ଫାଶରୁ ମୁକୁଳି ପାରୁନି ଗଞ୍ଜାମ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ପେଟପାଟଣା ପାଇଁ ଗଞ୍ଜାମରୁ ପ୍ରତିଦିନ ଶହ ଶହ ଶ୍ରମିକ ପଡ଼ୋଶୀ ରାଜ୍ୟମାନଙ୍କୁ ଦାଦନ ଖଟିବାକୁ ଯାଉଛନ୍ତି । ଦୀର୍ଘ ବର୍ଷ ହେଲା ଗଞ୍ଜାମ ପାଇଁ ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଏହାକୁ ରୋକା ଯାଇପାରୁନାହିଁ । ଗତ ନିର୍ବାଚନ ସମୟରେ ଦାଦନ ରୋକିବା ପାଇଁ ବିଜେପି ନେତାମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲେ । ଦାଦନମୁକ୍ତ ଗଞ୍ଜାମ ଗଠନ ପାଇଁ ଭାଷଣରେ କହି ବୁଲିଥିଲେ । ଖାଲି ସେତିକି ନୁହେଁ, ବିଭିନ୍ନ ସମୟରେ ମନ୍ତ୍ରୀ ଓ ବିଧାୟକମାନେ ଗଞ୍ଜାମକୁ ଦାଦନମୁକ୍ତ କରିବା ସହ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଲାଘବ କରିବା ପାଇଁ ଭାଷଣ ମଧ୍ୟ ଦେଉଛନ୍ତି । ହେଲେ ଦାଦନମୁକ୍ତ ଗଞ୍ଜାମ କେବଳ ଭାଷଣ ଓ ପ୍ରତିଶ୍ରୁତି ମଧ୍ୟରେ ରହିଯାଇଥିବା ଅଭିଯୋଗ ହୋଇଛି । ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ ନଥିବାରୁ ଅଧିକରୁ ଅଧିକ ସଂଖ୍ୟାରେ ଲୋକ ଦାଦନ ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି । ବିଶେଷ କରି ଗଞ୍ଜାମର ଯୁବପିଢ଼ୀମାନେ ଅଧିକ ଦାଦନ କଷଣ ସହିବାକୁ ବାଧ୍ୟ ହେଉଛନ୍ତି । ଏଭଳି ପରିସ୍ଥିତିରେ ଦାଦନ ବା ପ୍ରବାସୀ ଶ୍ରମିକଙ୍କ ଅକାଳ ମୃତ୍ୟୁ ଭଳି ଘଟଣା ପ୍ରଶାସନ ଓ ପରିବାରବର୍ଗଙ୍କ ପାଇଁ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ସାଜିଛି । ଗତ ଦୁଇବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାର ୫୪ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ପ୍ରାଣ ହରାଇ ସାରିଲେଣି । ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ଜିଲ୍ଲା ଗଞ୍ଜାମକୁ ଶ୍ରମ ବିଭାଗ ପକ୍ଷରୁ ବ୍ରହ୍ମପୁର ଓ ଛତ୍ରପୁର ଭଳି ଦୁଇଟି ଶ୍ରମ ଜିଲ୍ଲା ଭାବେ ବିଭକ୍ତ କରାଯାଇଛି । ସେଥିମଧ୍ୟରୁ ବ୍ରହ୍ମପୁର ଶ୍ରମ ଜିଲ୍ଲାରେ ୩୨ ଓ ଛତ୍ରପୁର ଶ୍ରମ ଜିଲ୍ଲାରେ ୨୨ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି । ଏପରି ସ୍ଥିତିରେ ଦାଦନ ଫାଶରୁ କେବେ ଗଞ୍ଜାମ ମୁକୁଳିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉଭୟ ଶ୍ରମ ଜିଲ୍ଲାରେ ମୋଟ ୩ ଲକ୍ଷ ୬୨ ହଜାର ୬୧୬ ଜଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । ସେଥି ମଧ୍ୟରୁ ଛତ୍ରପୁର ଶ୍ରମ ଜିଲ୍ଲାରେ ୧ ଲକ୍ଷ ୪୪ ହଜାର ୫୫୨ ଏବଂ ବ୍ରହ୍ମପୁର ଶ୍ରମ ଜିଲ୍ଲାରେ ୨ ଲକ୍ଷ ୧୮ ହଜାର ୬୪ ଜଣ ରହିଛନ୍ତି । ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତେ) ଅଧିନିୟମ ୧୯୭୯ ଅନୁଯାୟୀ ୨୦୨୩ ମସିହାରେ ୭୨ ଜଣ ଲାଇସେନ୍ସ ପ୍ରାପ୍ତ ଠିକାଦାର ଥିବା ବେଳେ ୩୨୨୫ ଜଣ ପ୍ରବାସୀ ଶ୍ରମିକ ଥିଲେ । ସେହିପରି ୨୦୨୪ ମସିହାରେ ଠିକାଦାରଙ୍କ ସଂଖ୍ୟା ଗତ ବର୍ଷ ତୁଳନାରେ ହ୍ରାସ ପାଇ ୩୮ରେ ସୀମିତ ଥିବା ବେଳେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୧୫୮୦ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗଞ୍ଜାମ ଜିଲ୍ଲାରେ ନିଯୁକ୍ତି ବା ରୋଜଗାର ସେଭଳି କିଛି ପନ୍ଥା ନଥିବାରୁ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ବହୁ ଯୁବବର୍ଗ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଓ ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟକୁ ଖଟିବାକୁ ଯାଉଥିଲେ ହେଁ ଉଭୟ ଶ୍ରମ ଜିଲ୍ଲା ଅଧିକାରୀଙ୍କ ନିକଟରେ ସେନେଇ ବିସ୍ତୃତ ତଥା ସଠିକ୍ ତଥ୍ୟ ନଥିବା ଜଣାପଡ଼ିଛି । ସେହିପରି ପଞ୍ଜିକରଣ ବିନା ବହୁ ଦଲାଲ ଶତାଧିକ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରି ମୁନାଫା କମାଉଥିବା ଅଭିଯୋଗ ରହିଛି । ବିଭାଗ ନିକଟରେ ଏମାନଙ୍କ ତଥ୍ୟ ରହିବା ଦୂରର କଥା, ଅଣ ପଞ୍ଜିକୃତ ଦଲାଲଙ୍କ ଖିଅ ମଧ୍ୟ ପାଉନି ଶ୍ରମ ବିଭାଗ । ଫଳରେ ଅକାଳରେ ବହୁ ଦାଦନ ଶ୍ରମିକ ନିରାଶ୍ରୟ ସହ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହୋଇ ମୃତ୍ୟୁବରଣ କରୁଛନ୍ତି । ଗଞ୍ଜାମ ଜିଲ୍ଲା ଦାଦନ ଶ୍ରମିକଙ୍କ ଦୁଃଖ ଓ ମୃତ୍ୟୁ ସମ୍ପର୍କିତ ବାରମ୍ବାର ଖବର ପ୍ରକାଶ ହେଉଥିବା ବେଳେ ଦାଦନ ଫାଶରୁ ଗଞ୍ଜାମ ଜିଲ୍ଲା ମୁକୁଳି ପାରୁନାହିଁ । କେବଳ କ୍ଷତିପୂରଣ ଦେଇ ରାଜ୍ୟ ସରକାର ଓ ଶ୍ରମ ବିଭାଗ ନିଜ ଦାୟିତ୍ୱ ସାରି ଦେଉଥିବା ବିଭିନ୍ନ ମହଲରେ ଦାବି ହୋଇଛି ।





## ନିର୍ବାଚନ ପୂର୍ବରୁ ମୋଦୀ ସରକାରଙ୍କ ବିହାରକୁ ବଡ଼ ଭେଟି

# ୭,୬୧୬ କୋଟି ଟଙ୍କାର ଦୁଇଟି ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରୀ

**ନୂଆଦିଲ୍ଲୀ :** ବିହାର ନିର୍ବାଚନ ପୂର୍ବରୁ, ମୋଦୀ ସରକାରର ବିହାରକୁ ବଡ଼ ଭେଟି ଦେଇଛନ୍ତି । କେନ୍ଦ୍ର କ୍ୟାବିନେଟ ବିହାର ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ସଂଯୋଗୀକରଣ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ୭,୬୧୬ କୋଟି ଟଙ୍କାର ଦୁଇଟି ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ଏହାସହ ମୋଦୀ ସରକାର ବିହାର ପାଇଁ ୧୧ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଭାଗଲପୁର-ଡୁମକା-ରାମପୁରହାଟ ରେଳ ଲାଇନର ଦୋହରୀକରଣ ପାଇଁ ୩,୧୬୯ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ବ୍ୟତୀତ ବକ୍ସର-ଭାଗଲପୁର ହାଇ-ସ୍ପିଡ୍ କରିଡରର ଚାରି ଲେନ୍ ବିଶିଷ୍ଟ ମୋକାମା-ମୁଙ୍ଗେର ସେକ୍ସନର ନିର୍ମାଣ ପାଇଁ ୪,୪୪୭ କୋଟି ଟଙ୍କା ଅନୁମୋଦନ କରାଯାଇଛି।



କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହା ବକ୍ସରରୁ ଭାଗଲପୁର କରିଡରର ଏକ ଅଂଶ। ଏହା ଦକ୍ଷିଣ ବିହାରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ । ଏହାର ଲମ୍ବ ମୋକାମାରୁ ମୁଙ୍ଗେର ପର୍ଯ୍ୟନ୍ତ ୮୨ କିଲୋମିଟର ରହିବ ।

କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଭାଗଲପୁର-ଡୁମକା-ରାମପୁରହାଟ ରେଳ ଲାଇନ ସେକ୍ସନର ପୁନଃନିର୍ମାଣକୁ କ୍ୟାବିନେଟ ଅନୁମୋଦନ କରିଛି, ଯାହାର ମୋଟ ମୂଲ୍ୟ ୩,୧୬୯ କୋଟି ଟଙ୍କା। ଏହା ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ । ସ୍ୱାଧୀନତା ପରେ, ରେଳବାଇ ମାଲ ପରିବହନ ନିରନ୍ତର ହ୍ରାସ ପାଉଥିଲା । ୨୭ ପ୍ରତିଶତ ସର୍ବନିମ୍ନ ସ୍ତରରେ ପହଞ୍ଚିବା ପରେ, ଏହା ଏବେ ବୃଦ୍ଧି ପାଇବା ଆରମ୍ଭ କରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଆଉ ଏହା ପୂର୍ବରୁ ମୋଦୀ କ୍ୟାବିନେଟ୍ ବିହାର ପାଇଁ କରିଛନ୍ତି ଏମିତି କିଛି ବଡ଼ ଘୋଷଣା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ...

ଦେଇଛନ୍ତି । ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାରୀ ରୋକିବା ପାଇଁ ଏନ୍‌ଫୋର୍ସମେଣ୍ଟକୁ ଅଧିକ କଡାକଡି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ଜିଲ୍ଲାରେ କ୍ରପ ଡାଇଭରସିଫିକେସନ ଏବଂ ଇଣ୍ଟିଗ୍ରେଟେଡ୍ ଫାର୍ମିଂ ସିଷ୍ଟମକୁ ଅଧିକ ଗୁରୁତ୍ୱ ଦେବା, ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଏଣୁ ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଚାଷ କାର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ସଫଳ ହୋଇ ପାରିବ । ବନ୍ୟାଞ୍ଚଳରେ କ୍ଷୟକ୍ଷତି ଆକଳନ କରି ସେଠାରେ ଚାଷୀ ମାନଙ୍କୁ ଯଥା ସୁବିଧା ଯୋଗାଇ ଦିଆଯାଉଛି ଏବଂ ଯେପରି ସେହି ଅଞ୍ଚଳରେ ଚାଷୀ ମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇ, ପ୍ରତ୍ୟେକ ଜିଲ୍ଲାରେ ସାର ବଣ୍ଟନ କାର୍ଯ୍ୟକଳାପ ବିଷୟରେ ପଚାରି ବୁଝି ଥିଲେ ଏବଂ କୌଣସି ସ୍ଥାନରେ ଚାଷୀ ମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

### ଦୁର୍ନୀତି ରୋକିବା...

ଦୁର୍ନୀତି ନିବାରଣ ସଚେତନତା ମାଧ୍ୟମରେ ଅଧିକ ନିୟାମକତା, ଇଚ୍ଛାଧୀନ କ୍ଷମତା, ସେବା ପ୍ରଦାନରେ ଏକାଧିକାର, ଦୁର୍ବଳ ଅଭିଯୋଗ ଶୁଣାଣି ବ୍ୟବସ୍ଥା, ଯାଞ୍ଚ ପ୍ରଣାଳୀରେ କୋହଳ ବ୍ୟବସ୍ଥାଏବଂ ଜନସଚେତନାର ଅଭାବ ପରି ବିଷୟଗୁଡ଼ିକର ସମାଧାନ କରିପାରିବ । ଦୁର୍ନୀତି ନିବାରଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଆକର୍ଷଣକାରୀ କ୍ଷେତ୍ରଗୁଡ଼ିକ ମଧ୍ୟରେ କ୍ରୟ ଏବଂ ଚୁକ୍ତି ପରିଚାଳନା, ମାନବ ସମ୍ବଳ ପରିଚାଳନା, ସେବା ପ୍ରଦାନ, ସର୍ବସାଧାରଣଙ୍କ କାର୍ଯ୍ୟ ନିରୀକ୍ଷଣ ବ୍ୟବସ୍ଥା, ବ୍ୟବସାୟ କରିବାର ସୁବିଧା (ଇଜ୍ ଅଫ୍ ଡୁଇଙ୍ଗ ବିଜନେସ)ଏବଂ 'ଜନ ବିଶ୍ୱାସ ବିଲ୍' କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । କ୍ରୟ ଏବଂ ଚୁକ୍ତି ପରିଚାଳନାକ୍ଷେତ୍ରରେ ଇ-କ୍ରୟ (ପ୍ରୋକ୍ୟୋରମେଣ୍ଟ), ଇ-ଟେଣ୍ଡରିଂ ଏବଂ ତୃତୀୟ ପକ୍ଷ ସାର୍ଟିଫିକେସନ୍ ଅବଲମ୍ବନ କରିବାଦ୍ୱାରା ଇଚ୍ଛାଧୀନ କ୍ଷମତାର ବ୍ୟବହାର ସମ୍ଭାବନା କମିଥାଏ ଏବଂ ସ୍ୱଚ୍ଛତା ସୁନିଶ୍ଚିତ ହୁଏ। ଉଦାହରଣସ୍ୱରୂପ, ଯେଉଁସବୁ ବିଭାଗମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଅନଲାଇନ୍ ଟେଣ୍ଡରିଂ ବ୍ୟବହାର କରୁଛନ୍ତି, ସେଥିରେ ପକ୍ଷପାତିତା ସମ୍ପର୍କିତ ଅଭିଯୋଗ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ଦେଖାଯାଇଛି। ମାନବ ସମ୍ବଳ ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନକୁ ଗୁରୁତ୍ୱ ଦିଆଯାଇ ଅନଲାଇନ୍ ବଦଳି ନୀତିର କାର୍ଯ୍ୟକାରିତା ଏବଂ ସମ୍ବେଦନଶୀଳ ପଦବୀରେ କର୍ମଚାରୀ ମାନଙ୍କର ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ, ଅନୁଚିତ ଲାଭ ପ୍ରବୃତ୍ତିକୁ ନିରୁତ୍ସାହିତ କରେ। କିଛି ବିଭାଗନ୍ୟାୟସଙ୍ଗତ ଓ ସ୍ୱଚ୍ଛତାର ସହ ଅନଲାଇନ୍ ବଦଳି ପ୍ରଣାଳୀ ପରିଚାଳନା କରୁଛନ୍ତି, ଯାହାକି ଅନ୍ୟ ବିଭାଗମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁସରଣ କରାଯିବା ଆବଶ୍ୟକ । ନିୟମଗୁଡ଼ିକର ସରଳୀକରଣ ଏବଂଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ,୨୦୧୨ ଅଧୀନରେ ନାଗରିକମାନଙ୍କୁ ମଧ୍ୟସ୍ଥି ବିନା ନିଜର ଅଧିକାରଗୁଡ଼ିକ ପ୍ରାପ୍ତ କରିବାରେ ସାହାଯ୍ୟ କରିଛି।'ଆମ ଶାସନ'ପରି ପ୍ରୟାସଗୁଡ଼ିକ ନାଗରିକଙ୍କୁ ସେବାପ୍ରଦାନ ସମ୍ପର୍କରେ ସିଧାସଳଖ ମତାମତ(ଫିଡବ୍ୟାକ) ପ୍ରଦାନର ସୁଯୋଗ ପ୍ରଦାନ କରୁଛି, ଯାହା ଫଳରେଉତ୍ତରଦାୟିତ୍ୱ ବୃଦ୍ଧି ପାଇଛି।ପ୍ରିମିସ୍ ଏବଂ ୱାର୍କ ପାସ୍ ବୁକ୍ସରି ବ୍ୟବସ୍ଥା ନାଗରିକମାନଙ୍କୁ ନିଜ ଅଞ୍ଚଳର ପ୍ରକଳ୍ପଗୁଡ଼ିକର ଭୌତିକ ଏବଂ ଆର୍ଥିକ ପ୍ରଗତି ସମ୍ପର୍କରେ ତତ୍କାଳିକ ସୂଚନାପ୍ରଦାନ କରୁଛି, ଯାହା ଫଳରେ ଅନୀତିମୂଳକ ହସ୍ତକ୍ଷେପର ସମ୍ଭାବନା କମିଛି।ବ୍ୟବସାୟ କରିବାର ସୁବିଧା (ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍) ଏବଂ 'ଜନ ବିଶ୍ୱାସ ବିଲ୍', ବ୍ୟବସାୟ ସମ୍ପର୍କୀୟ ନିୟମାବଳୀର ସୁଧାର ଏବଂ ସାଧାରଣ ବା ସାମାନ୍ୟ ଉଲ୍ଲଂଘନକୁ ଅପରାଧୀକରଣରୁ ମୁକ୍ତ କରିବା ଅତିରିକ୍ତ ଇଚ୍ଛାଧିନ କ୍ଷମତାର ବ୍ୟବହାର ଓ ଦୁର୍ନୀତିର ସୁଯୋଗକୁ କମାଇଥାଏ। ଆହୁରି ମଧ୍ୟ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ଥିବା ସମସ୍ତ ସେବାର ସମୟସୀମାକୁ କାର୍ଯ୍ୟାଳୟରେ ପ୍ରଦର୍ଶନ କରିବା, ଡ୍ୟାସବୋର୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକଳାପକୁ ନିରୀକ୍ଷଣ କରି ନାଗରିକମାନଙ୍କୁ ସଶକ୍ତ କରିବା, ଦୁର୍ନୀତି ପ୍ରତି ଶୂନ ସହନଶୀଳତା(ଜିରୋ ଟଲେରାନ୍ସ) ସଂସ୍କୃତିକୁ ପ୍ରତିଷ୍ଠିତ କରିବା ପାଇଁ ସମୟ ସମୟରେ ସମୀକ୍ଷା, ବରିଷ୍ଠ ଅଧିକାରୀମାନଙ୍କ ସହିତ ଖୋଲା ଆଲୋଚନା ଏବଂ ଫିଡବ୍ୟାକ୍‌ର ସଂରଚିତ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶଗୁଡ଼ିକ ସମସ୍ତ ଅଧିକାରୀଙ୍କ ନିକଟରେ ଯେପରି ନିଶ୍ଚିତ ଭାବରେ ପହଞ୍ଚିବ ଏବଂ ନିର୍ଦ୍ଦେଶିତ ଅନୁସାରେ ଏହାର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହେବ, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।ଦୃଢ଼ ପ୍ରତିରୋଧାତ୍ମକ ସଚେତନତା ଢାଞ୍ଚା ବାସ୍ତବରେ ଏକ ଜନକୈନ୍ଦ୍ରିକ ସରକାର ପ୍ରତିଷ୍ଠାକୁ ସାକାର କରିବାରେ ସାହାଯ୍ୟ କରିବବୋଲିମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

### ସୁରକ୍ଷାକର୍ମୀଙ୍କ ଗୁଳିରେ...

ଆରମ୍ଭ ହୋଇଥିଲା। ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ କରୁଥିବା ବେଳେ ସକାଳ ସମୟରୁ ହିଁ ଗୁଳି ବିନିମୟ ଆରମ୍ଭ ହୋଇଥିଲା। କିଛି ସମୟ ପରେ ଏହା ଥମି ଯାଇଥିଲା। ପୁଣି କିଛି ସମୟ ପରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଜାରି ରହିଥିବା ଗୁଳି ବିନିମୟରେ କିଛି ଟପ ନକ୍ସଲ କମାଣ୍ଡରଙ୍କ ସମେତ ୧୦ ମାଓବାଦୀଙ୍କ ମୁଣ୍ଡ ଗଡ଼ିଛି। ନିହତ ହୋଇଥିବା ମାଓବାଦୀଙ୍କ ମଧ୍ୟରେ ମନୋଜ ରହିଥିବା ଛତିଶଗଡ଼ ପୁଲିସ୍ ପକ୍ଷରୁ ନିଶ୍ଚିତ କରାଯାଇଛି। ଏକାଧିକ ନକ୍ସଲ ହିଂସାକାଣ୍ଡରେ ମନୋଜ ସାମିଲ ଥିଲା। ଓଡ଼ିଶାରେ ମଧ୍ୟ ସେ ମୋଷ୍ଟୱାଣ୍ଟେଡ ମାଓବାଦୀ ରହିଥିଲେ। ତାକୁ ବିଭିନ୍ନ ରାଜ୍ୟର ପୁଲିସ୍ ଖୋଜୁ ଥିବା ବେଳେ ଏବେ ତା'ର ଖେଳ ଖତମ ହୋଇଛି। ନିହତ ମାଓବାଦୀଙ୍କ ମୃତଦେହଗୁଡ଼ିକୁ ବେସ୍ କ୍ୟାମ୍ପକୁ ଅଣାଯାଉଛି। ଏହାପରେ ସ୍ୱତନ୍ତ୍ର ଭାବେ ସେମାନଙ୍କ ପରିଚୟ ଓ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ସମ୍ପର୍କରେ ସୂଚନା ଦିଆଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

### ୧୬ ନକ୍ସଲଙ୍କ...

ବଢ଼ିବା ଫଳରେ ନାରାୟଣପୁର ଏସପି ରୋବିନସନ ଗୁଡ଼ିଆଙ୍କ ସମ୍ମୁଖରେ ୧୬ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଏହି ସମସ୍ତ ନକ୍ସଲଙ୍କୁ ୫୦-୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶିର ଚେକ୍ ପ୍ରଦାନ କରାଯାଇଛି। ସେମାନଙ୍କୁ ଛତିଶଗଡ଼ ସରକାରଙ୍କ ନକ୍ସଲ ନିରୋଧ ନୀତି ଅନୁଯାୟୀ ମିଳୁଥିବା ସବୁ ସୁବିଧା ଦିଆଯିବ। ବସ୍ତର ଆଇଜି ସୁନ୍ଦରରାଜ ପି. କହିଛନ୍ତି ଯେ ୨୦୨୫ ରେ ନକ୍ସଲ ସଂଗଠନର ଶୀର୍ଷ ନେତୃତ୍ୱକୁ ସୁରକ୍ଷା ବାହିନୀ ଦ୍ୱାରା ବ୍ୟାପକ କ୍ଷତି ହୋଇଛି। ପ୍ରତିବନ୍ଧିତ ଏବଂ ବେଆଇନ ସିପିଆଇ ନକ୍ସଲ ସଂଗଠନ ପାଖରେ ବର୍ତ୍ତମାନ ହିଂସା ଛାଡ଼ି ଆତ୍ମସମର୍ପଣ କରିବାଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ। ସେ ନକ୍ସଲ ସଂଗଠନକୁ ଆହ୍ୱାନ କରି କହିଛନ୍ତି ଯେ ସେମାନେ ତୁରନ୍ତ ହିଂସାପୂର୍ଣ୍ଣ କାର୍ଯ୍ୟକଳାପ ଛାଡ଼ି ଶାସନର ଆତ୍ମସମର୍ପଣ ପୁନର୍ବାସ ନୀତି ଅନୁସରଣ କରି ସମାଜର ମୁଖ୍ୟଧାରା ସହିତ ଯୋଗ ଦିଅନ୍ତୁ ।

### ନୌସେନାକୁ ମିଳିଲା...

ଆଡଭାନ୍ସଡ୍ ନୌସେନା ଥ୍ରିଡି ଏୟାର ସର୍ଭିଲାନ୍ସ ରାଡାର ନିର୍ମାଣ କରିଛି। ଏହି ସଫଳତାକୁ ଭାରତର ପ୍ରତିରକ୍ଷା ଆତ୍ମନିର୍ଭରଶୀଳତା ହାସଲରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବରେ ବିବେଚନା କରାଯାଏ। ଏହି ସିଷ୍ଟମକୁ ସ୍ଥାନୀୟ ଭାବରେ ଏକତ୍ରିତ ଏବଂ ସମନ୍ୱିତ କରାଯାଇଛି।ଏହି ଭାରତୀୟ ନୌସେନା ଯୁଦ୍ଧଜାହାଜର ସମସ୍ତ ସିଷ୍ଟମ ସହିତ ରାଡାରକୁ ନିର୍ବିଘ୍ନରେ ସଂଯୁକ୍ତ କରାଯାଇଛି। ଏହାର ଅନ୍ତର୍ଭୁକ୍ତ ହେବା ପୂର୍ବରୁ ରାଡାରର ବ୍ୟାପକ ସାମୁଦ୍ରିକ ପରୀକ୍ଷଣ କରାଯାଇଛି, ଯେଉଁଠାରେ ଏହାର କ୍ଷମତା ପାଇଁ ବିଭିନ୍ନ ରାଡାର କ୍ରସ-ସେକ୍ସନରେ ଏହାର କାର୍ଯ୍ୟଦକ୍ଷତା ପରୀକ୍ଷା କରିବା ପାଇଁ ନୌସେନା ଏବଂ ବାୟୁ ପ୍ଲାଟଫର୍ମଗୁଡ଼ିକୁ ନିୟୋଜିତ କରାଯାଇଥିଲା।

### ମହାନଦୀ ରିଭରଫ୍ରଣ୍ଟ ...

ସହଭାଗିତାରେ ଜଳକ୍ରୀଡା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ନିୟନ୍ତ୍ରଣ, ନଦୀଜଳ ସଫା, ଜଳ ସଂରକ୍ଷଣ ଓ ପାରିପାର୍ଶ୍ୱିକ କ୍ଷେତ୍ରର ସ୍ଥାୟୀ ବିକାଶ। ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟ ବିକାଶ ହେବ। ପ୍ରଥମଟି ସମ୍ବଲପୁରର ମାଣ୍ଡାଲିଆରୁ ଚୌନପୁର ପର୍ଯ୍ୟନ୍ତ, ଯେଉଁଥିରେ ପାର୍କିଂ, ଜଗିଙ୍ଗ୍ ପାର୍କ, ସେଲ୍ଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟ ଉନ୍ନତି, ସ୍ନାନ ଘାଟ, ଆରତୀ ଘାଟ, ଥିମ୍ ପ୍ଲାଜା, ସପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ ହେବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ। ଦ୍ୱିତୀୟଟି ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀରେ, ଯେଉଁଥିରେ ସୁରକ୍ଷା କାର୍ଯ୍ୟ, ଘାଟ ବିକାଶ, ରିଙ୍ଗ୍ ରୋଡ୍, ଭ୍ୟୁ ପଏଣ୍ଟ, ଭାସମାନ ଜେଟି, ଲକଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହ ଆଭ୍ୟନ୍ତରୀଣ ପାଦଚାଳନା ରାସ୍ତା ନିର୍ମାଣ ହେବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

### ୧୬ରେ ସର୍ବଦଳୀୟ ...

ବିଧାନସଭା ମୌସୁମୀ ଅଧିବେଶନ ଶେଷ କରିବା ପାଇଁ ଏହଟି ବୈଠକରେ ଆଲୋଚନା ହେବ। ଅଧିବେଶନ ୧୮ ଆରମ୍ଭ ହୋଇ ୨୫ ତାରିଖ ଯାଏଁ ଚାଲିବ ବୋଲି ଧାର୍ଯ୍ୟ ହୋଇଛି।

### ଘର ତିଆରି...

ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଚିନ୍ତା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ମହିଳା ଓ ଶିଶୁମାନଙ୍କର ଖାଦ୍ୟାଭ୍ୟାସକୁ ପରିବର୍ତ୍ତନ କରିବା ପାଇଁ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୋଷଣ ବିଶେଷଜ୍ଞ ତଥା ୟୁନିସେଫ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ ଫିଟ ରହିବା ପାଇଁ ଘର ପ୍ରସ୍ତୁତ ଖାଦ୍ୟ ସହ ପରିବାର ସଦସ୍ୟମାନଙ୍କ ସହ ମିଶି ଖାଦ୍ୟ ଗ୍ରହଣ ଉପରେ ମତ ପ୍ରକାଶ କରିଥିଲେ । ଶିଶୁକୁ ଜନ୍ମର ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଦେବା ସହ ଅନ୍ନପ୍ରସନ ପରେ ମଧ୍ୟ ପିଲାଙ୍କୁ ତେଲଯୁକ୍ତ ଖାଦ୍ୟରୁ ଦୂରେଇ ରଖିବା ପାଇଁ ସେ ଦୃଢ ମତ ରଖିଥିଲେ। ମୋବାଇଲଠୁ ଦୂରରେ ରହି ସ୍କ୍ରିନ ଟାଇମକୁ କମେଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହା ସହ ଅଭିନେତ୍ରୀ ଅନୁ ଚୌଧୁରୀ ନିଜ ଖାଦ୍ୟାଭ୍ୟାସ ବିଷୟରେ ସୂଚନା ଦେବା ସହ କମ୍ ତେଲ ଓ ଘର ରନ୍ଧା ଖାଦ୍ୟ ଖାଇବା ଉପରେ ନିଜର ମତ ରଖିଥିଲେ । ଅନନ୍ତା ସିନେମାର ନାୟକ ସବ୍ୟସାଚୀ ମିଶ୍ର ସିନେମା ପାଇଁ ନିଜ ଓଜନ ବଢେଇବା ପରେ ଉପୁଜିଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ବଦଭ୍ୟାସ ଗୁଟୁଖା, ମଦ ଓ ସିଗାରେଟରୁ ନିଜକୁ ଦୂରେଇ ରଖିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସ୍ମାର୍ଟ ଖାଦ୍ୟଶୈଳୀ ଉପରେ ଚର୍ଚ୍ଚା କରିଥିଲେ । କାର୍ଯ୍ୟକ୍ରମରେ ଅତିଥିମାନେ ସାମାଜିକ ବ୍ୟବହାରିକ ପରିବର୍ତ୍ତନ ବିଷୟରେ ଏକ ପୋଷ୍ଟର ଉନ୍ମୋଚନ କଲେ । ଏହି ପୋଷ୍ଟର ଦ୍ୱାରା ଅଙ୍ଗନବାଡି ମାଧ୍ୟମରେ ଗାଁ ଗାଁ ରେ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଭାଷଣ ରଖିବା ସହ ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଉପ ମୁଖ୍ୟମନ୍ତ୍ରୀ ଓ ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲା ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଶ୍ରୀଜଗନ୍ନାଥ କ୍ଷେତ୍ର ଭାବେ ପରିଚିତ ପୁରୀ ସହର ସହ ଅନେକଙ୍କ ଭାବାବେଗ ଜଡ଼ିତ ରହିଛି । ଅନେକ ଐତିହ୍ୟ, କିର୍ତ୍ତୀରାଜିର ସୁରକ୍ଷା ସହିତ ପୁରୀ ସହରକୁ କିଭଳି ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳାଯାଇ ପାରିବ ସେଠି ନେଇ ଗୁରୁବାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଲେଯେ ଶ୍ରୀଜଗନ୍ନାଥ ମନ୍ଦିର ଓ ପୁରୀ ସହର ସାରା ବିଶ୍ୱରେ ପରିଚିତ। ଏହି ସ୍ଥାନକୁ ଆସିବା ପାଇଁ ଅନେକ ରାଜ୍ୟ ତଥା ଦେଶବାସୀଙ୍କ ସ୍ୱପ୍ନ ରହି ଆସିଛି । ତେଣୁ ପୁରୀ ସହରକୁ ସବୁ ଦୃଷ୍ଟିରୁ ସରସ ସୁନ୍ଦର କରି ଗଢି ତୋଳିବା ପାଇଁ ସରକରୀ ଓ ସାଧାରଣ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ । ତେଣୁ ପୁରୀ ସହର ତଥା ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥଲେ ।

ସେହିପରି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସମୟରେ ଅନେକ ସମସ୍ୟା ଆସିଥାଏ, ତେବେ ଦୃଢ ଇଚ୍ଛାଶକ୍ତି ଓ ସଠିକ ଯୋଜନା ଦ୍ୱାରା ସଫଳତା ଆସିଥାଏ । ତେଣୁ ଯୋଜନାବଦ୍ଧ ଭାବେ ପୁରୀ ସହରର ବିକାଶ ପ୍ରକ୍ରିୟାକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ମନ୍ତ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ଉନ୍ନତିକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମର ନିର୍ମାଣ ସମ୍ପର୍କିତ ଜମି ଅଧିଗ୍ରହଣ, ସେବାୟତ ହାଉସିଙ୍ଗ ପ୍ରକଳ୍ପ, ବିଶ୍ୱସ୍ତରୀୟ ରଘୁନନ୍ଦନ ପାଠାଗାର ଓ ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର ନିର୍ମାଣ, ପୁରୁଣା ପୋଲିସ ଷ୍ଟେସନ ଠାରେ ଭକ୍ତ ନିବାସ ନିର୍ମାଣ, ଅଠରନଳାର ବିକାଶ ସହ ପୁରୀ ସହରର ବିଭିନ୍ନ ଉନ୍ନତି କରଣ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହିତ ନୂତନ ଭିତ୍ତିଭୂମି ନିର୍ମାଣ ସମୟରେ ଓଡ଼ିଶାର ବାସ୍ତୁକଳାକୁ ଉପଯୋଗ କରିବା, ବିପଦସଙ୍କୁଳ ତଥା ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଥିବା ସମସ୍ତ ନିର୍ମାଣକୁ ଭାଙ୍ଗିବା, ଭିତ୍ତିଭୂମି ଗୁଡିକରେ ଅତ୍ୟାଧୁନିକ ଉପକରଣର ବ୍ୟବହାର ଏବଂ ନିର୍ମାଣ ସମାରେ ଜାତୀୟ ଐତିହ ପ୍ରାଧିକରଣ ମାଗଦର୍ଶୀକାର ଅନୁପାଳନ ଓ ପୁରୀ କୋଣାର୍କ ଉନ୍ନୟନକର୍ତ୍ତୃପକ୍ଷଙ୍କ ଅନୁମୋଦନ ନେବା ଉପରେ ଆଲୋଚନ ହୋଇଥିଲା । ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପୁରୀ ଜିଲପାଳ ଦିବ୍ୟଜ୍ୟୋତି ପରିଡ଼ା, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଇଆଇସି (ସିଭିଲ) ସତ୍ୟବ୍ରତ ବେହେରା, ପୂର୍ତ୍ତବିଭାଗ ଉପଦେଷ୍ଟା ଜୟକୃଷ୍ଣ ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଉପରେ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୪୦ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିବା ସହ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଥିଲେ । ରାଜ୍ୟରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ବୈଧମାପ ବିଜ୍ଞାନ ବିଭାଗକୁ ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ସହ ବିଭିନ୍ନ ସମୟରେ ନିୟମିତ ଯାଞ୍ଚ କରାଯାଇ ପାରିଲେ ଖାଉଟି ମାନେ ଉପକୃତ ହୋଇ ପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ରାଜ୍ୟର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ନିୟନ୍ତ୍ରକ ତ୍ରିଲୋଚନ ଦାଶ, ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ନିୟନ୍ତ୍ରକ ବିଶିକେଶନ ଦେହୁରୀ ପ୍ରମୁଖ ଉପସ୍ଥିତ ସଭ୍ୟମାନଙ୍କୁ କାର୍ଯ୍ୟଦକ୍ଷତାର ସହ କର୍ତ୍ତବ୍ୟ ସଂପାଦନ ପାଇଁ ପରାମର୍ଶ ଦେଇଥିଲେ । ସଂଘର ସାଧାରଣ ସମ୍ପାଦିକା ଶ୍ରୀମତୀ ସାଗରିକା ସାବତ୍ ଏବଂ ସଭାପତି ଅଞ୍ଜନ କୁମାର ଜେନା ମନ୍ତ୍ରୀଙ୍କ ନିକଟରେ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଉପନିୟନ୍ତ୍ରକ ଶ୍ରୀ ପ୍ରିୟବ୍ରତ ଜେନା ମଞ୍ଚ ପରିଚାଳନା କରିଥିଲେ ।




# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସୁରକ୍ଷା ଏବଂ ଷ୍ଟେସନ ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ଗୁରୁବାର ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ମଞ୍ଚେଶ୍ୱର-ତାଳଚେର ସେକ୍ସନ ନିରୀକ୍ଷଣ କରିଥିଲେ। ଯାତ୍ରୀ ଏବଂ ମାଲ ପରିବହନ ପରିଚାଳନା କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ କରିଡରରେ ଟ୍ରେନଗୁଡ଼ିକର ନିରାପଦ, ନିର୍ଭରଯୋଗ୍ୟ ଏବଂ ସୁଗମ ଗତିବିଧି ସୁନିଶ୍ଚିତ କରିବା ପାଇଁ ଟ୍ରେନ ପରିଚାଳନାର ସୁରକ୍ଷା ଦିଗ, ଟ୍ରାକ ଅବସ୍ଥା, ସିଗନାଲିଂ ସିଷ୍ଟମ ଏବଂ ସାମଗ୍ରିକ ଭିତ୍ତିଭୂମି ପ୍ରସ୍ତୁତି ଉପରେ ନିରୀକ୍ଷଣ କେନ୍ଦ୍ରିତ ଥିଲା।

ଗସ୍ତ ସମୟରେ ଶ୍ରୀ ଫୁଙ୍କଓ୍ୱାଲ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଢେଙ୍କାନାଳ ଏବଂ ତାଳଚେର ଷ୍ଟେସନରେ ପୁନଃବିକାଶ କାର୍ଯ୍ୟର ସମୀକ୍ଷା ମଧ୍ୟ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ହେଉଛି ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ, ଯାତ୍ରୀ-ଅନୁକୂଳ ହବରେ ପରିଣତ କରିବା ପାଇଁ ସୁବ୍ୟବସ୍ଥିତ ପ୍ରତୀକ୍ଷାଳୟ, ଉନ୍ନତ ସଞ୍ଚାଳନ କ୍ଷେତ୍ର, ଉନ୍ନତ ପ୍ଲାଟଫର୍ମ, ଆଧୁନିକ ସମ୍ମୁଖଭାଗ ଏବଂ ବିଶ୍ୱସ୍ତରୀୟ ଯାତ୍ରା ଅଭିଜ୍ଞତା ପାଇଁ ଆବଶ୍ୟକ ସମସ୍ତ ସୁବିଧା ଉପଲବ୍ଧ ହେବ।

ମହାପ୍ରବନ୍ଧକ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉକ୍ତ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମୀକ୍ଷା କରିଥିଲେ। ସୁରକ୍ଷା ମାନଦଣ୍ଡର କଠୋର ପାଳନ, ଉଚ୍ଚ ମାନର କାର୍ଯ୍ୟାନ୍ୱୟନ ଏବଂ ସମସ୍ତ କାର୍ଯ୍ୟ ସମୟସୀମା ଭିତରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକ ଭାରତୀୟ ରେଳବାଇ ପାଇଁ ପ୍ରାଥମିକତା ଏବଂ ଏହା ଯାତ୍ରୀଙ୍କ ଆରାମ ଏବଂ ପରିଚାଳନା ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/70, ତା.08.09.2025ରିଖ

(1) ଟେଣ୍ଡର ସଂ. e-tenderestatekur-218-25, ତା.25.08.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ସେଟେଲମେଣ୍ଟ / ମୁଖ୍ୟାଳୟ / ଭୁବନେଶ୍ୱର ପରିସୀମା ଅଧିନସ୍ଥ ରେଳ ବିହାର କଲୋନୀରେ ଷ୍ଟାଫ କ୍ୱାର୍ଟରଗୁଡ଼ିକର ପାଣିଗଳୁଥିବା ଛାତ, RCC ଛାତ ସିଲିଙ୍ଗର ପ୍ରସ୍ତାବିତ ମରାମତି ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 191.88 ଲକ୍ଷ, EMD : ₹ 2,46,000/-

(2) ଟେଣ୍ଡର ସଂ. etenderhqkur-217-2025, ତା.26.08.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (P.Way)/ ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ରେତଙ୍ଗ-କାଇପଦର ରୋଡ଼ ମଧ୍ୟରେ କି.ମି. 450.20 ଠାରୁ କି.ମି. 457.20 ପର୍ଯ୍ୟନ୍ତ ଏବଂ ଖୋର୍ଦ୍ଧା ରୋଡ଼-ପୁରୀ ସେକ୍ସନରେ କି.ମି. 456.00 ଠାରୁ କି.ମି. 498.89 ପର୍ଯ୍ୟନ୍ତ 30.09.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 132.04 ଲକ୍ଷ, EMD : ₹ 2,16,000/-

ଶେଷ ହେବା ଅବଧି : 12 (ବାର) ମାସ (ଉଭୟ କ୍ରମ ସଂ. ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.09.2025ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।


ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-585/Q/25-26

# ପଞ୍ଚାୟତ ସମିତିର କ୍ଷମତାକୁ ସଙ୍କୁଚିତ କରିବା ନିଷ୍ପତ୍ତି ଅଗଣତାନ୍ତ୍ରିକ: ବିଜେଡି

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ କରିବା କ୍ଷେତ୍ରରେ, ବିଡିଓ ମାନଙ୍କ କ୍ଷମତା କୌଣସି ପ୍ରତି ସ୍ୱାକ୍ଷର ବିନା ପୂର୍ବରୁ ୨ ଲକ୍ଷ ଥିବାବେଳେ, ଏହାକୁ ୧୦ ଲକ୍ଷକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଗତକାଲି କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଥିବା ବେଳେ ଗୁରୁବାର ବିଜୁ ଜନତା ଦଳ ଏହାକୁ ଦୃଢ଼ ସମାଲୋଚନା କରି ଜନଆନ୍ଦୋଳନର ଚେତାବନୀ ଦେଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ବିଧାୟକ ଡ଼ ଅରୁଣ କୁମାର ସାହୁ, ଦଳର ଉପସଭାପତି ତଥା ରାଜ୍ୟ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ଶ୍ରୀ ପ୍ରତାପ ଜେନା ଏହି ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ ବୋଲି କହିଛନ୍ତି । ଡ଼ ସାହୁ କହିଥିଲେ, ନବୀନ ସରକାରଙ୍କ ସମୟରେ ପଞ୍ଚାୟତ ସମିତିକୁ ପ୍ରଭୂତ କ୍ଷମତା ପ୍ରଦାନ କରାଯାଉଥିବା ବେଳେ ବର୍ତ୍ତମାନର ବିଜେପି ସରକାର ପଞ୍ଚାୟତ ସମିତିର କ୍ଷମତା ପ୍ରତ୍ୟାହାର କରିବା ପାଇଁ ଅପଚେଷ୍ଟା କରୁଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ସଦୃଶ୍ୟ । ପୂର୍ବରୁ ୨ ଲକ୍ଷରୁ ଉର୍ଦ୍ଧ୍ୱର ପରିମାଣର ବିଲ୍ ଆସିଲେ, ସେଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତି ସ୍ୱାକ୍ଷର ଆବଶ୍ୟକ ଥିଲା । ପରିବର୍ତ୍ତିତ ନିୟମ ଅନୁଯାୟୀ, ବିଲ୍ ମୂଲ୍ୟ ୧୦ ଲକ୍ଷ ପର୍ଯ୍ୟନ୍ତ ଥିଲେ କେବଳ ବିଡିଓଙ୍କ ସ୍ୱାକ୍ଷର ପର୍ଯ୍ୟାପ୍ତ ହେବ । ପଞ୍ଚାୟତ ସମିତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟ ଗୁଡିକର ବିଲ୍ ମୂଲ୍ୟ ପ୍ରାୟତଃ ୧୦ ଲକ୍ଷରୁ ତଳେ ରହିଥାଏ । କାଁ ଭାଁ ଗୋଟିଏ ଅଧେ ବିଲ୍ ୧୦ ଲକ୍ଷରୁ ଅଧିକ ମୂଲ୍ୟର ଥାଏ । ତେଣୁ, ସରକାରଙ୍କ ଏହି ନିଷ୍ପତ୍ତି କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଉର୍ଦ୍ଦିଷ୍ଟ ବୋଲି ସ୍ପଷ୍ଟ । ସରକାରଙ୍କ ଏହି ନିଷ୍ପତ୍ତି ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିଥିବାରୁ, ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି କୁଠାରଘାତ। ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତ ସମିତିରେ ନିର୍ବାଚିତ ପ୍ରତିନିଧି ମାଧ୍ୟମରେ କାର୍ଯ୍ୟ ହେଉଥିବାରୁ, ଏହି ନିଷ୍ପତ୍ତି ସମ୍ବିଧାନ ବିରୋଧୀ। ଡ଼ ସାହୁ ଆହୁରି କହିଥିଲେ, ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ରାଜ୍ୟର ଅଧିକାଂଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ଦଖଲରେ ଥିବାରୁ, ସେମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି । ଅପରପକ୍ଷରେ, ଏହା କେବଳ ବାବୁରାଜକୁ ପ୍ରୋତ୍ସାହନ ଯୋଗାଉଛି । ଉଲ୍ଲେଖଯୋଗ୍ୟ, ବିରୋଧୀ ଦଳ ଭାବେ ବାବୁରାଜ ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଥିବା ବିଜେପି କ୍ଷମତାକୁ ଆସିବା ପରେ ବାବୁରାଜକୁ ପ୍ରୋତ୍ସାହନ ଦେଉଥିବା ଏହି ନିଷ୍ପତ୍ତିରୁ ସ୍ପଷ୍ଟ ହେଉଛି । ଏହା ପୂର୍ବରୁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ପଞ୍ଚାୟତରୁ ଆସୁଥିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରିବାକୁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା । ଏହାଛଡ଼ା, ବିଧାୟକ ମାନେ ମଧ୍ୟ ଏହି ଯୋଜନାର ୪୦ ପ୍ରତିଶତ ପ୍ରସ୍ତାବ ଦେଇପାରିବେ ବୋଲି ସରକାର ନିୟମ କରିଛନ୍ତି । ଏଥିରୁ ସ୍ପଷ୍ଟ ହୋଇଛି ଯେ, ରାଜ୍ୟ ବିଜେପି ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି ମାନଙ୍କ ଠାରୁ କ୍ଷମତା କାଢିନେଇ ନିଜେ ଉପଭୋଗ କରିବାକୁ ଉଦ୍ୟମ କରୁଛନ୍ତି । ଏହି ନିଷ୍ପତ୍ତି ବିରୋଧରେ, ବିଜୁ ଜନତା ଦଳ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ । ଶ୍ରୀ ପ୍ରତାପ ଜେନା କହିଥିଲେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳ ସ୍ତରରେ କ୍ଷମତାର ବିକେନ୍ଦ୍ରିକରଣ । ରାଜ୍ୟ ସରକାର ନିଜ କ୍ଷମତାର ଅପବ୍ୟବହାର କରି ଏପରି ନିଷ୍ପତ୍ତି ନେଇଛନ୍ତି । ବିଡିଓ ମାନଙ୍କୁ ହାତବାରିସୀ କରି ଓ ତାଙ୍କ ଉପରେ ଚାପ ପକାଇ ପଞ୍ଚାୟତରେ ହେଉଥିବା କାର୍ଯ୍ୟ ଗୁଡ଼ିକରୁ ବିଜେପି ନେତାମାନେ କିପରି ପିସି ଆଦାୟ କରିପାରିବେ, ସେଥିପାଇଁ ରାଜ୍ୟ ସରକାର ଏହି ବ୍ୟବସ୍ଥା କରିଛନ୍ତି । ବିଜୁ ଜନତା ଦଳ ସରକାରଙ୍କ ଏହି ନିଷ୍ପତ୍ତିର ଦୃଢ଼ ନିନ୍ଦା କରୁଛି ଓ ଏହାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରୁଛି। ଯଦି ଏହି ନିଷ୍ପତ୍ତି ପ୍ରତ୍ୟାହାର ନହୁଏ, ତାହେଲେ ରାଜ୍ୟର ସମସ୍ତ ବ୍ଲକର ଅଧ୍ୟକ୍ଷ, ପଞ୍ଚାୟତ ସମିତି ସଦସ୍ୟ ଓ ସରପଞ୍ଚ ମାନଙ୍କୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ।



ଭୁବନେଶ୍ୱର
୧୨ ସେପ୍ଟେମ୍ବର,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ସ୍ମୃତିସଭାରେ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

# ଜନଜାତିଙ୍କ ବିକାଶ ଓ ଭାଷାର ଉନ୍ନତି ପାଇଁ ସ୍ମରଣୀୟ ରହିବେ କରେନ୍ଦ୍ର ଭାଇ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୧/୯**
**ନ୍ୟୁଜ ବ୍ୟୁରୋ**

ବାଲିଗୁଡାର ପୂର୍ବତନ ବିଧାୟକ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନଜାତିମାନଙ୍କ ବିକାଶ ଓ ଜନଜାତି ଭାଷାର ଉନ୍ନତି ପାଇଁ ସ୍ୱର୍ଗତ କରେନ୍ଦ୍ର ମାଝୀ ସଦା ସ୍ମରଣୀୟ ରହିବେ । ଭୁବନେଶ୍ୱର କଳିଙ୍ଗ ନଗର କଳିଙ୍ଗ ବିହାର ବିକାଶ ପରିଷଦ ପକ୍ଷରୁ କଳିଙ୍ଗ ବିହାର ଠାରେ ଆୟୋଜିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱର୍ଗତ କରେନ୍ଦ୍ର ମାଝୀ ସମାଜସେବୀ ଓ ଜିଲ୍ଲାବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଆଜୀବନ ବ୍ରତୀ ଥିଲେ ବୋଲି କହିଛନ୍ତି । ଜନଜାତି ଭାଷାର ସେ ଜଣେ ପ୍ରସିଦ୍ଧ ଗବେଷକ ଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ କରେନ୍ଦ୍ର ମାଝୀ ଓଡ଼ିଆ ଲିପିରେ କୁଇ ଭାଷାରେ 'ପିଲାଙ୍କ ରାମାୟଣ', ଡ. ଆମ୍ବେଦକରଙ୍କ ଜୀବନୀ ଏବଂ କୁଇ ଭାଷାର ଅଭିଧାନ ରଚନା କରିଛନ୍ତି । କନ୍ଧମାଳ ଜିଲ୍ଲା ବିଶେଷକରି ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସ୍ୱର୍ଗତ କରେନ୍ଦ୍ର ମାଝୀ ଜିଲ୍ଲାବାସୀଙ୍କ ମନରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟ ବରିଷ୍ଠ ନେତୃମଣ୍ଡଳୀ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଦକ୍ଷତା ତାଲିମ କାର୍ଯ୍ୟକ୍ରମ ପାଇଁ ନାଲ୍‌କୋ ଫାଉଣ୍ଡେସନ ଏବଂ ଏସଡିଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ






**ଭୁବନେଶ୍ୱର, ୧୨/୯**
**ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ, ଭାରତ ସରକାର ଅଧୀନରେ ଥିବା ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସଡିଆଇ), ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନାଲ୍‌କୋ ଫାଉଣ୍ଡେସନ ସହାୟତାରେ ସ୍ୱାକ୍ଷରିତ ଏହି ବୁଝାମଣା ପତ୍ର ଦ୍ୱାରା କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକଯୁବତୀମାନଙ୍କ ପାଇଁ ଏକ ଆବାସିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ତଥା ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପଦକ୍ଷେପ ମାଧ୍ୟମରେ ଭାରତ ସରକାରଙ୍କ ଜାତୀୟ ଦକ୍ଷତା ବିକାଶ ପରିଷଦର ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ନାଲ୍‌କୋର ମାଇନ୍ସ ଆଣ୍ଡ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଯୋଡ଼ି ଏବଂ ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପରିପାର୍ଶ୍ୱିକ ଗ୍ରାମରୁ ପ୍ରାଥମିକ ପର୍ଯ୍ୟାୟରେ ସମୁଦାୟ ୬୦ ଜଣ ଯୁବକ ଯୁବତୀଙ୍କୁ ତିନି ମାସିଆ ଆବାସିକ ଦକ୍ଷତା ତାଲିମ ପ୍ରଦାନ କରାଯିବ । ଏହି ଅବସରରେ ସିଏମଡି ଶ୍ରୀ ସିଂହ କହିଥିଲେ ଯେ, "ସ୍ଥାନୀୟ ଯୁବକଯୁବତୀଙ୍କୁ ଶିଳ୍ପ ଆବଶ୍ୟକତା ଅନୁସାରେ ଦକ୍ଷତା ଏବଂ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏହା ଏକ ପଦକ୍ଷେପ ଅଟେ" । ଏସଡିଆଇ, ଭୁବନେଶ୍ୱରର ମିଳିତ ସହଯୋଗରେ, ନାଲ୍‌କୋ ତୃଣମୂଳ ସ୍ତରର ପ୍ରତିଭାମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛି ବୋଲି ମଧ୍ୟ ସେ କହିଥିଲେ । ନାଲ୍‌କୋର ଏହି ସିଏସଆର ପଦକ୍ଷେପ କମ୍ପାନୀର ପରିଚାଳନା କ୍ଷେତ୍ରଗୁଡ଼ିକରେ ଯୁବ ଦକ୍ଷତା, ନିଯୁକ୍ତି ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ମାଧ୍ୟମରେ ସାମୁଦାୟିକ ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି ।

# ପ୍ରତ୍ୟେକ ଜୀବନ ମୂଲ୍ୟବାନ : କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୧୧/୯**
**ନ୍ୟୁଜ ବ୍ୟୁରୋ**



'ପ୍ରତ୍ୟେକଟି ଜୀବନ ହେଉଛି ମୂଲ୍ୟବାନ । ଗୁରୁବାର ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ କଳିଙ୍ଗ ଷ୍ଟାଡ଼ିୟମ ଠାରେ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଜୀବନରେ କୌଣସି ପରିସ୍ଥିତିରେ ମଧ୍ୟ ଆତ୍ମହତ୍ୟା ମାନସିକତା ନ ଆଣିବା, ଜୀବନରେ ସକାରାତ୍ମକ ଚିନ୍ତାଧାରା ରଖିବାର ଭାବନାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଜୀବନରେ କୌଣସି ଏକ ଦୁର୍ବଳ ମୁହୂର୍ତ୍ତରେ ଯଦି ଦୃଢ଼ତାର ସହ ଆମେ ନିଜକୁ ବୁଝାଇ ପାରିବା ଏବଂ ପ୍ରତ୍ୟେକ ସମସ୍ୟାକୁ ସମାଧାନ କରାଯାଇପାରିବ ଏହି ଭାବନାକୁ ନେଇ ଆଗକୁ ବଢ଼ିବା ତେବେ ଆମ ସମାଜରୁ ଆମେ ଆତ୍ମହତ୍ୟା ଭଳି ବ୍ୟାଧିକୁ ଦୂରୀଭୂତ କରିପାରିବା । କେବଳ ନିଜ ପାଇଁ ନୁହେଁ, ବରଂ ଆମର ଚତୁଃପାର୍ଶ୍ୱରେ ଯଦି କିଏ ଭାଙ୍ଗିପଡୁଛି, କିଏ ଦୁଃଖରେ ମ୍ରିୟମାଣ ହୋଇପଡୁଛି, ତାଙ୍କୁ ସହଯୋଗ କରିବା । ସକାରାତ୍ମକ ମାନସିକତା ପୋଷଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା । ଆତ୍ମହତ୍ୟା ନିରୋଧ ଦିଗରେ ସମସ୍ତଙ୍କୁ ସଚେତନ କରିବା । ଆଜିର ଦିନରେ ଆମେ ସମସ୍ତେ ଶପଥ ନେବା ଯେ, ଆମେମାନେ ଜଣେ ଜଣେ ଜୀବନ ରକ୍ଷକ ଭାବେ କାର୍ଯ୍ୟ କରିବା' ବୋଲି କହିଛନ୍ତି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ । ଗୁରୁବାର ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ପୋଲିସର ମିଳିତ ଆନୁକୂଲ୍ୟରେ ନମନ ଫାଉଣ୍ଡେସନ ପକ୍ଷରୁ କଳିଙ୍ଗ ଷ୍ଟାଡ଼ିୟମରେ 'ଜୀବନ ଜିନ୍ଦାବାଦ' ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ନମନ ଫାଉଣ୍ଡେସନର ଉପସଭାପତି ତଥା ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ନାଟକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଚେତନତାଧର୍ମୀ 'ଜୀବନ ଜିନ୍ଦାବାଦ' କ୍ଷୁଦ୍ର ନାଟକ ଏବଂ 'ଆତ୍ମହତ୍ୟା କରନାହିଁ' ନୃତ୍ୟନାଟିକା ପରିବେଷଣ କରିଥିଲେ । ନମନ ଫାଉଣ୍ଡେସନ୍‌ର ସଭାପତି ତଥା ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରେମ୍ ଆନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ 'ଜୀବନ ଜିନ୍ଦାବାଦ' ଥିମ୍ ସଙ୍ଗ ଉନ୍ମୋଚିତ ହୋଇଥିଲା ।

ଏହି ଅବସରରେ ଏକ ଶପଥପାଠ ଏବଂ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ସମସ୍ତଙ୍କୁ ଶପଥପାଠ କରାଇଥିବାବେଳେ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହି ଭାବବିନିମୟ କାର୍ଯ୍ୟକ୍ରମରେ ପାରା ଆଥଲେଟ୍ କମଳାକାନ୍ତ ନାୟକ ଯୋଗଦେଇ ତାଙ୍କର ସଂଘର୍ଷମୟ ଜୀବନର ସଫଳତମ ସୋପାନ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୂର ଖୁରାନିଆ, ପୋଲିସ କମିଶନର ଶ୍ରୀ ଏସ.ଦେବଦତ୍ତ ସିଂହ, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ଼. ୟେଦୁଲା ବିଜୟ, ଓଡ଼ିଶା ହକି ପ୍ରମୋସନ କାଉନସିଲ ସିଇଓ ଶ୍ରୀ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନେପାଳରେ ଶାନ୍ତି ଫେରାଇ ଆଣିବାକୁ ବାଲୁକା କଳାରେ ସୁଦର୍ଶନଙ୍କ ବାର୍ତ୍ତା




**ପୁରୀ, ୧୧/୯ ନ୍ୟୁଜ ବ୍ୟୁରୋ**

ନେପାଳରେ ସୃଷ୍ଟି ହୋଇଥିବା ଅଶାନ୍ତି ଧିରେ ଧିରେ କୁହୁଳୁଥିବା ବେଳେ, ବାଲୁକା କଳାରେ ଶାନ୍ତିବାର୍ତ୍ତା ଦେଇଛନ୍ତି ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ଭାରତର ପଡୋଶୀ ଦେଶ ନେପାଳରେ ବ୍ୟାପକ ଅଶାନ୍ତି ଓ ଅରାଜକତା ଖେଳିଯାଇଛି । ଯୁବପିଢ଼ିମାନେ ସରକାରଙ୍କ ମନମୁଖୀ କାର୍ଯ୍ୟ ଓ ଦୁର୍ନୀତି ଉପରେ ପ୍ରତିବାଦ କରି ବ୍ୟାପକ ଆନ୍ଦୋଳନ କରିଛନ୍ତି । ସରକାରଙ୍କର ସୋସିଆଲ ମିଡିଆ ବ୍ୟାନ କରିବା ନିଷ୍ପତ୍ତି ଯୁବପିଢିଙ୍କ ମଧ୍ୟରେ ଘୋର ଅସନ୍ତୋଷର କାରଣ ସାଜିଥିଲା । ଏହା ପରେ ବ୍ୟାପକ ହିଂସାକାଣ୍ଡ ଆରମ୍ଭ ହୋଇଥିଲା । ହିଂସା ବ୍ୟାପକ ହେବାରୁ ନେପାଳର ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଓ ରାଷ୍ଟ୍ରପତି ଇସ୍ତଫା ଦେଇଛନ୍ତି । ନେପାଳରେ ପରିସ୍ଥିତି ବହୁ ଉତ୍ତେଜନାପୂର୍ଣ୍ଣ ରହିଛି । ଦେଶରେ ସାମରିକ ବାହିନୀ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସମସ୍ତ ଚେଷ୍ଟା ଚଳାଇଛି । ତେବେ ନେପାଳରେ ଶାନ୍ତି ଫେରାଇ ଆଣିବା ପାଇଁ ନେପାଳ ବାସିନ୍ଦାଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପିଲ କରିଛନ୍ତି । ଏଣୁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ନେପାଳ ଜନତା ଶାନ୍ତିଶୃଙ୍ଖଳା ରକ୍ଷା କରନ୍ତୁ ବୋଲି ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ନିଜ ବାଲୁକା ଚିତ୍ରକଳା ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି ।

# ନେପାଳରେ ଫସିଛନ୍ତି ଶତାଧିକ ଓଡ଼ିଆ : ସୁରକ୍ଷିତ ଭାବେ ଫେରିଲେ ୨୩ ପର୍ଯ୍ୟଟକ

**ଭୁବନେଶ୍ୱର, ୧୧/୯**
**ନ୍ୟୁଜ ବ୍ୟୁରୋ**



ନେପାଳରେ ଫସିରହିଥିବା ୨୩ ପର୍ଯ୍ୟଟକମାନଙ୍କୁ ଗୁରୁବାର ସୁରକ୍ଷିତ ଭାବେ ଭାରତକୁ ଫେରାଇ ଅଣାଯାଇଛି । ନେପାଳରେ ଏବେ ବିସ୍ଫୋରକ ସ୍ଥିତି ଉପୁଜିଛି । ଜେନ-ଜିଙ୍କ ହିଂସାତ୍ମକ ଆନ୍ଦୋଳନ ଏବେ ଭୟଙ୍କର ରୂପ ନେଉଛି । ନେପାଳର ପଶୁପତିନାଥ ଦର୍ଶନ କରିବା ପାଇଁ ଯାଇଥିବା ୨୩ଜଣ ଅଞ୍ଚଳର ତୀର୍ଥଯାତ୍ରୀ ଫସି ରହିଥିଲେ । ୨ ଦିନ ହେଲା ସେମାନେ କାଠମାଣ୍ଡୁର ଏକ ହୋଟେଲରେ ଅଟକିଥିଲେ । ସେମାନଙ୍କ ସହ ଚୁକ୍ତି କରିଥିବା ଟ୍ରାଭେଲ୍ସ ସଂସ୍ଥା ମଧ୍ୟ କେଉଁଆଡ଼େ ଫେରାର ହୋଇଯାଇଛି । ସେମାନଙ୍କୁ ଉଦ୍ଧାର ପାଇଁ ପରିବାର ଲୋକେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ । ସେହିପରି କେନ୍ଦ୍ରାପଡାର ଜିଲ୍ଲାର ଅନେକ ଲୋକ ଫସି ରହିଛନ୍ତି । ଦିନେ ରୋଜଗାର ଆଶାରେ ନେପାଳକୁ ଯାଇଥିଲେ କେନ୍ଦ୍ରାପଡା ଜିଲ୍ଲା ଖଡ଼ିପାଳ ଗାଁର ଯୁବକ ଦେବାଶିଷ ସ୍ୱାଇଁ ଓ ତାଙ୍କ ପରିବାର । ସେଠାରେ ସ୍ତ୍ରୀ-ପୁଅ ଝିଅଙ୍କ ସହ ସେ ରହୁଥିବା ବେଳେ ବର୍ତ୍ତମାନ ନେପାଳ ହିଂସା ଭିତରେ ସେମାନେ ଫସି ରହିଛନ୍ତି । ଘରୁ ବାହାରି ପାରୁନଥିବା ବେଳେ କେନ୍ଦ୍ରାପଡାରେ ରହୁଥିବା ମା'ଙ୍କ ସହ ଯୋଗାଯୋଗ ହୋଇପାରୁନି । ଏହାରି ଭିତରେ ଚିନ୍ତାରେ ଦେବାଶିଷଙ୍କ ମାଆ । କେମିତି ପୁଅ ସୁରକ୍ଷିତ ଘରକୁ ଫେରିବ ସେ ଚିନ୍ତା ଘାରିଥିବା ବେଳେ ସେମାନଙ୍କୁ ଫେରାଇ ଆଣିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି । ସରକାରଙ୍କୁ ଗୁହାରି କରି ଦେବାଶିଷଙ୍କ ମା' ନୟନା ସ୍ୱାଇଁ କହିଛନ୍ତି, 'ନେପାଳରେ ମୋ ପୁଅ ଦୁଇଜଣଙ୍କ ସମେତ ମୋର ବୋହୂ, ନାତି ଓ ନାତୁଣୀ ରହିଛନ୍ତି । ଆମ ଗାଁର ବହୁ ଲୋକ ମଧ୍ୟ ସେଠାରେ ଅଛନ୍ତି । ନେପାଳରେ ଯେଉଁ ଗଣ୍ଡଗୋଳ ହୋଇଛି ସେଠାରେ ଆମ ପୁଅ ଓ ଅନ୍ୟମାନେ ଫସି ରହିଛନ୍ତି, ଘରୁ ବାହାରି ପାରୁନାହାନ୍ତି । କର୍ଫ୍ୟୁ ଜାରି ହୋଇଥିବାରୁ ସେମାନେ ଖାଇବାକୁ ପାଉନାହାନ୍ତି । ପୁଅ ଯାହା କିଣିକି ଆଣି ରଖିଥିଲା ତାହା ଶେଷ ହୋଇଯିବାରୁ ଏବେ ଲୁଚି କରି ଯାଇ ଖାଇବା ଆଣିବାକୁ ପଡୁଛି । ସେଠାରେ ନେଟ୍ ବନ୍ଦ ହୋଇଯାଇଥିବାରୁ ପୁଅ ସହ କଥା ହୋଇପାରୁନି । ପୁଅ ମୋତେ କେମିତି ଭାବେ ଫୋନ କରି ମୋତେ ମନ ଦୁଃଖ ନକରିବାକୁ କହିଲା ଆଶ୍ୱାସନା ମଧ୍ୟ ଦେଇଛି । ଯଦି କିଛି ଅଧିକ ଗଣ୍ଡଗୋଳ ହୁଏ ସରକାର ଗାଡି ପଠାଇଲେ ଆମେ ପଳାଇବୁ ବୋଲି କହିଛି । ସେମାନେ ଘରେ ବସିଛନ୍ତି କୌଣସି କାମଧନ୍ଦା ନାହିଁ । ସରକାରଙ୍କୁ ଆମ ପୁଅ, ବୋହୂ, ନାତି ଓ ନାତୁଣୀ ଆଣି ଦେବାକୁ ଆମେ ଅନୁରୋଧ କରୁଛୁ ।' କେବଳ ନୟନାଙ୍କ ପୁଅ ନୁହେଁ କେନ୍ଦ୍ରାପଡା ଜିଲ୍ଲା ବାଲିପାଟଣାର ଯୁବକ ମନୋଜ ବଳ ମଧ୍ୟ ନେପାଳରେ ଫସି ରହିଛନ୍ତି । ତାଙ୍କ ପତ୍ନୀ ପୁଷ୍ପାଲତା ବଳ କହିଛନ୍ତି, 'ମୋ ସ୍ୱାମୀ ନେପାଳର କାଠମାଣ୍ଡୁରେ ରହୁଛନ୍ତି, ସେଠାରେ ବହୁତ ଗଣ୍ଡଗୋଳ ଚାଲିଛି । ଅସୁବିଧା ବହୁତ, ତିନିଦିନ ହେଲାଣି ଘରୁ ବାହାରି ପାରୁନାହାନ୍ତି କି ଖାଇବାକୁ ମଧ୍ୟ ମିଳୁନାହିଁ । ଗାଡିମୋଟର ବନ୍ଦ ଥିବାରୁ ସେ କାମଧନ୍ଦା କରିବାକୁ ଯାଇ ପାରୁନାହାନ୍ତି କି ଖାଇ ପାରୁନାହାନ୍ତି, ଉପାସ ଭୋକରେ ରହୁଛନ୍ତି । ମୋ ସ୍ୱାମୀ ସେଠାରେ ୩୦ ବର୍ଷ ହେଲାଣି ରହୁଛନ୍ତି ଆଉ ତିନିଦିନ ହେବ ସେଠାରେ ଖାଇବାକୁ ନପାଇ ରହିଛନ୍ତି । ସେଠାରେ ସେ ପାଣିପାଇପ ମିସ୍ତ୍ରୀ କାମ କରନ୍ତି । ରାସ୍ତାଘାଟ ବନ୍ଦ ଥିବାରୁ ଚାହିଁଲେ ମଧ୍ୟ ଆସି ପାରୁନାହାନ୍ତି । ତେଣୁ ତାଙ୍କୁ ସାହାଯ୍ୟ କରି ନେପାଳରୁ ଘରକୁ ଫେରାଇ ଆଣିବା ପାଇଁ ମୁଁ ସରକାରଙ୍କୁ ନିବେଦନ କରୁଛି ।' ନେପାଳର ଅଶାନ୍ତି ମଧ୍ୟରେ ଫସି ରହିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଓ ଆଳି ଅଞ୍ଚଳର ବହୁ ଲୋକ । କେହି ପାଣିପାଇପ ମିସ୍ତ୍ରୀ ତ କେହି ମଜୁରିଆ ଭାବେ ନେପାଳରେ କାମକରି ପରିବାର ପ୍ରତିପୋଷଣ ପାଇଁ ଯାଇ ଏବେ ହିଂସା ଭିତରେ ଫସି ରହିଛନ୍ତି । ଅନ୍ୟପଟେ ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି ।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଗ୍ଲୋବାଲ ୟୁନିଭରସିଟି ଫେୟାର

**ଭୁବନେଶ୍ୱର,୧୧/୯**
**ନ୍ୟୁଜ ବ୍ୟୁରୋ**



କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ 'ଗ୍ଲୋବାଲ ୟୁନିଭରସିଟି ଫେୟାର'ର ତୃତୀୟ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୭୦ରୁ ଅଧିକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଯୋଗ ଦେଇଥିଲେ । ଭାରତୀୟ ଛାତ୍ରଛାତ୍ରୀଙ୍କୁ ବିଦେଶରେ ଉଚ୍ଚଶିକ୍ଷା ସମ୍ଭାବନା ସୃଷ୍ଟି କରିବାର ଏକ ଅଭୂତପୂର୍ବ ସୁଯୋଗ ପ୍ରଦାନ କରିଛି ଗ୍ଲୋବାଲ ୟୁନିଭରସିଟି ଫେୟାର । ଏହି ଫେୟାରରେ ଭାରତ ସମେତ ଆମେରିକା, ବ୍ରିଟେନ, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସ୍ୱିଜରଲ୍ୟାଣ୍ଡ, ଆୟାରଲାଣ୍ଡ, ଦୁବାଇ, ଫିନଲାଣ୍ଡ ଓ ବିଭିନ୍ନ ଦେଶର ବଡ଼ବଡ଼ ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ । କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସମେତ ବିଭିନ୍ନ ଅଗ୍ରଣୀ ସ୍କୁଲର ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ସହିତ ସିଧାସଳଖ ଆଲୋଚନା କରିବା ସହିତ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ସୁଯୋଗ, ଛାତ୍ରବୃତ୍ତି, ପ୍ରବେଶ ପ୍ରକ୍ରିୟା ଏବଂ କ୍ୟାରିୟର ସୁଯୋଗ ଆଦି ପଚାରି ବୁଝିଥିଲେ । ମେଳା ଅବସରରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ମଧ୍ୟ ଅନ୍ତର୍ଜାତୀୟ ଇଂରାଜୀ ଭାଷା ପରୀକ୍ଷା ପ୍ରଣାଳୀ (ଆଇଇଏଲଟିଏସ) ସହିତ ଏକ ଆନୁଷ୍ଠାନିକ ସହଭାଗିତାରେ ସ୍ୱାକ୍ଷର କରିଥିଲା । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ଆଇଇଏଲଟିଏସର ଏକ କେନ୍ଦ୍ର ଖୋଲିବ । ଫଳରେ ବିଦେଶରେ ପଢ଼ିବାକୁ ଚାହୁଁଥିବା ବହୁ ଛାତ୍ରଛାତ୍ରୀ ଏଥିରୁ ତାଲିମ ପାଇପାରିବେ । ଏଭଳି କେନ୍ଦ୍ର ଖୋଲିବାରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ ହେଉଛି ଓଡ଼ିଶାର ଏକମାତ୍ର ବିଦ୍ୟାଳୟ । ବିଶ୍ୱର ସବୁଠାରୁ ବିଶ୍ୱସନୀୟ ଇଂରାଜୀ ଭାଷା ଦକ୍ଷତା ପରୀକ୍ଷା ଆଇଇଏଲଟିଏସ ୧୪୦ରୁ ଅଧିକ ଦେଶର ୧୨ ହଜାରରୁ ଅଧିକ ପ୍ରତିଷ୍ଠାନ ଦ୍ୱାରା ସ୍ୱୀକୃତିପ୍ରାପ୍ତ । ଏହି ସହଯୋଗ ଛାତ୍ରଛାତ୍ରୀମାନଙ୍କୁ ଆଇଇଏଲଟିଏସ ସମ୍ବଳ, କର୍ମଶାଳା ଏବଂ ପ୍ରସ୍ତୁତି ସହାୟତା ପାଇଁ ସ୍ୱତନ୍ତ୍ର ପ୍ରବେଶ ପ୍ରଦାନ କରିବାରେ ସହାୟକ ହେବ । ଏହା ସହ ସେମାନଙ୍କୁ ଶ୍ରେଷ୍ଠ ବ୍ୟାଣ୍ଡ ସ୍କୋର ହାସଲ, ବିଶ୍ୱସ୍ତରୀୟ ଶିକ୍ଷା ଏବଂ କ୍ୟାରିଅର ସମ୍ଭାବନାକୁ ଅନୁସରଣ କରିବାରେ ସାହାଯ୍ୟ କରିବ । ଏହି ଅବସରରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ ମୋନା ଲିସା ବଳ ସୂଚନା ଦେଇ କହିଲେ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ସହିତ ସଶକ୍ତ କରିବାକୁ ପ୍ରତିବଦ୍ଧ । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ମାର୍ଗଦର୍ଶନରେ ଏଭଳି ଗ୍ଲୋବାଲ ୟୁନିଭରସିଟି ଫେୟାର ଏବଂ ଆଇଇଏଲଟିଏସ୍ ଜରିଆରେ ପ୍ରତ୍ୟେକ ପିଲା ବିଶ୍ୱ ସ୍ତରରେ ଯେଉଁଳି ଉଚ୍ଚଶିକ୍ଷା ଲାଭ କରିପାରିବେ ସେ ନେଇ ଆମେ ଯତ୍ନଶୀଳ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, ଇଣ୍ଟରନ୍ୟାସ୍‌ନାଲ୍ ପାଠ୍ୟକ୍ରମ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ : ମାଆ-ପୁଅ ସମେତ ୪ ଗିରଫ



**ବ୍ରହ୍ମପୁର, ୧୧/୦୯ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଆକ୍ସନ ମୋଡରେ ଅବକାରୀ ବିଭାଗ । ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ବ୍ରାଉନ ସୁଗାର ଏବଂ ନକଲି ବିଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ । ୪ଟି ପୃଥକ୍ ମାମଲାରେ ମାଆ-ପୁଅ ସମେତ ୪ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବଡବଜାର ଥାନା ଅଞ୍ଚଳର ବାବୁ ଦଳାଇ, ଏସ ନାରାୟଣ ପାତ୍ର, ସନ୍ଧ୍ୟାରାଣୀ ଶତପଥୀ ଓ ସ୍ୱରାଜ ଶତପଥୀ । ସୂଚନା ମୁତାବକ, ବେଆଇନ ନିଶା କାରବାର ବିରୋଧରେ ରାଜ୍ୟରେ 'ଅପରେସନ ପ୍ରହାର' ଜାରି ରହିଛି । ଏହାରି ଅଧୀନରେ ସହରର ବିଭିନ୍ନ ସ୍ଥାନରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢଉ ହୋଇଥିଲା । ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସ ପରିସରରେ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ବାବୁ ଦଳାଇ ଏବଂ ଏସ ନାରାୟଣଙ୍କୁ ଗିରଫ କରିଛି ଅବକାରୀ ପୁଲିସ । ବାବୁ ନିକଟରୁ ୪୧ ଗ୍ରାମ୍ ଏବଂ ନାରାୟଣ ନିକଟରୁ ୪୪ ଗ୍ରାମ୍ ଧଳା ଜହର ଜବତ ହୋଇଛି । ବାବୁ ଠାରୁ ସୂଚନା ପାଇ ପୁଲିସ ହରିଡ଼ାଖଣ୍ଡି କୈଳାସ ନଗରରେ ଥିବା ସନ୍ଧ୍ୟାରାଣୀଙ୍କ ଘରେ ଚଢ଼ଉ କରିଥିଲା । ତା' ନିକଟରୁ ୫୭ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି । ଏହାଛଡ଼ା ସନ୍ଧ୍ୟାରାଣୀଙ୍କ ପୁଅ ସ୍ୱରାଜ ନକଲି ବିଦେଶୀ ମଦ ବିକ୍ରି କରୁଥିବା ସୂଚନା ପାଇ ତାକୁ ମଧ୍ୟ ଗିରଫ କରିଛି । ସ୍ୱରାଜ ନିକଟରୁ ୨୦ ଲିଟର ନକଲି ମଦ, ୧ ଲିଟର କାରାମେଲ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ ପ୍ରଧାନ ସୂଚନା ଦେଇଛନ୍ତି ।

# ସନ୍ଦେହରେ ବିଏମ୍‌ସିର 'ଭିକାରିମୁକ୍ତ ରାଜଧାନୀ' ଯୋଜନା: ସହରରେ ବୁଲୁଛନ୍ତି ମାଳମାଳ ଭିକାରି

**ଭୁବନେଶ୍ୱର, ୧୧/୯**
**ନ୍ୟୁଜ ବ୍ୟୁରୋ**



କାଖରେ ଛୁଆଟିଏ ଧରି ଧୁ ଧୁ ଖରାରେ ମା'ଟିଏ ବିକଳରେ କିଛି ମାଗୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ମନ୍ଦିରମାଳିନୀ ସହରର ପ୍ରତିଟି ପ୍ରମୁଖ ମନ୍ଦିର ବାହାରେ ଅତି କମ୍‌ରେ ୫ଜଣ ଭିକାରିଙ୍କୁ ଦେଖିବାକୁ ମିଳୁଛି । ଏହାଛଡ଼ା ସହରର ଛକ, ବଜାର, ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ ଓ ସାର୍ବଜନୀନ ସ୍ଥାନରେ ବି ଦାରିଦ୍ର୍ୟର ଏହି ନଗ୍ନ ଚିତ୍ର ଦେଖିବାକୁ ମିଳୁଛି । ଏହି ଚିତ୍ର ସହ ସହରକୁ ଭିକାରିମୁକ୍ତ କରିବାକୁ ବିଏମ୍‌ସିର ଶପଥ ଯେମିତି ଚୁରମାର ହୋଇଯାଇଛି । ସରକାର କହୁଛନ୍ତି, ଭୁବନେଶ୍ୱରକୁ ମିଶାଇ ଖୋର୍ଦ୍ଧା ଜିଲ୍ଲାରେ ମାତ୍ର ୪୧୮ ଭିକାରି ଅଛନ୍ତି । ହେଲେ ବିଏମ୍‌ସିର ତଥ୍ୟ ଅନୁସାରେ ସହରର ୫ 'ଭିକ୍ଷୁକ ପୁନର୍ବାସ କେନ୍ଦ୍ର'ରେ ଅଛନ୍ତି ୪୦୩ ଭିକାରି । ଯଦି ରାଜଧାନୀରୁ କେବଳ ୪୦୩ ଭିକାରି ଉଦ୍ଧାର ହୋଇଛନ୍ତି ଏବଂ ମାଳମାଳ ଭିକାରି ଏବେ ବି ସହର ସାରା ଘୁରି ବୁଲୁଛନ୍ତି, ତେବେ ପୂରା ଖୋର୍ଦ୍ଧା ଜିଲ୍ଲାରେ କେଉଁଭଳି ଭାବେ ୪୧୮ ଭିକାରି ରହିପାରିବେ ? ସରକାରଙ୍କ ତଥ୍ୟ ଭୁଲ୍ ନା ବିଏମ୍‌ସିର ଉଦ୍ଧାର ଭିକାରିଙ୍କ ସଂଖ୍ୟା ତ୍ରୁଟିପୂର୍ଣ୍ଣ ? କେଉଁ ତଥ୍ୟରେ ସତ୍ୟତା ରହିଛି ? ଏନେଇ ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜଧାନୀକୁ ଭିକାରିମୁକ୍ତ କରିବାର ଯୋଜନା ଅନେକ ସମୟରେ ହୋଇଥିବା ବେଳେ ୨୦୨୩ ନଭେମ୍ବରରେ ଏହି ପ୍ରୟାସ ଜୋରଦାର ହେଇଥିଲା । ବିଏମ୍‌ସି ପକ୍ଷରୁ ସହରରେ ୫ଟି 'ଭିକ୍ଷୁକ ପୁନର୍ବାସ କେନ୍ଦ୍ର' ଖୋଲାଯାଇ ସେଠାରେ ଭିକାରିମାନଙ୍କୁ ଥଇଥାନ କରାଯିବ ବୋଲି କୁହାଗଲା । ବିଏମ୍‌ସି, ପୁଲିସ ଓ କିଛି ଏନ୍‌ଜିଓର ସହାୟତାରେ ସହରରୁ ଭିକାରିଙ୍କୁ ଉଦ୍ଧାର ପାଇଁ ୩ଟି ଟିମ୍ ବି ଗଠନ କରାଗଲା । ହେଲେ ଏହା ସତ୍ତ୍ୱେ ଏବେ ସହରର ପ୍ରତିଟି ସ୍ଥାନରେ ମାଳମାଳ ଭିକାରି ଦେଖିବାକୁ ମିଳୁଛନ୍ତି । ବର୍ଷା ଦିନରେ ଏମାନେ ଓଭରବ୍ରିଜ୍ ବା ଜରିପାଲର ସାହାରା ନେଉଥିବା ବେଳେ ବିଏମ୍‌ସି ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉନାହିଁ । ୨୦୨୩ ମସିହାର ସରକାରୀ ତଥ୍ୟ ଅନୁସାରେ, ରାଜ୍ୟରେ ମୋଟ ୬୮୭ଜଣ ଭିକାରି ଅଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ କେହି ଶିଶୁ ନାହାନ୍ତି । ରାଜ୍ୟ ଭିନ୍ନକ୍ଷମ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସୂଚନାନୁସାରେ, ରାଜ୍ୟରେ ଏବେ ୪୦୮୩ଜଣ ପୁରୁଷ ଓ ୨୮୪୨ଜଣ ମହିଳା ଭିକାରି ଅଛନ୍ତି । ସେମାନଙ୍କ ମଧ୍ୟରେ କେହି ଶିଶୁ ଭିକାରି ନାହାନ୍ତି । କଟକ ଜିଲ୍ଲାରେ ସର୍ବାଧିକ ୧୦୬୦ଜଣ ଭିକାରି ଥିବା ବେଳେ ଖୋର୍ଦ୍ଧା ଜିଲ୍ଲା (ଭୁବନେଶ୍ୱରକୁ ମିଶାଇ)ରେ ମାତ୍ର ୪୧୮ଜଣ ଭିକାରି ଅଛନ୍ତି । ସହରରେ ମାଳମାଳ ଭିକାରି ଘୁରି ବୁଲୁଥିବା ବେଳେ ଏହି ସଂଖ୍ୟା ସରକାର କେଉଁଠୁ ଆଣିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ରାଜ୍ୟକୁ ଭିକାରିମୁକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ପୁରୀଠାରେ 'ନୀଳାଦ୍ରି ନିଳୟ' ଓ ଭୁବନେଶ୍ୱରଠାରେ 'ଏକାମ୍ର ନିଳୟ' ନାଁରେ ସ୍ୱତନ୍ତ୍ର ଅଭିଯାନ କରାଯାଇ ଏହି ସହରଗୁଡ଼ିକ ଭିକାରିମୁକ୍ତ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ପୁରୀ ଜିଲ୍ଲାରେ ୩୫୦ଜଣ ଭିକାରି ଥିବା ସରକାରୀ ହିସାବରେ ଥିଲେ ମଧ୍ୟ ଖୋର୍ଦ୍ଧା ଜିଲ୍ଲାର ଭିକାରିଙ୍କ ଯେଉଁ ତଥ୍ୟ ସରକାର ଦେଇଛନ୍ତି ତାକୁ ନେଇ ସନ୍ଦେହ ଉପୁଜିଛି । କେବଳ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଟ୍ରାଫିକ ଛକ, ବସଷ୍ଟାଣ୍ଡ, ରେଳ ଷ୍ଟେସନ ଓ ମନ୍ଦିର ଆଦି ଅଞ୍ଚଳରେ ପ୍ରାୟ ଏକ ହଜାରରୁ ଅଧିକ ଭିକାରି ପେଟ ପାଇଁ ଘୁରି ବୁଲୁଥିବା ବେଳେ ସରକାରଙ୍କ ହିସାବରେ ଖୋର୍ଦ୍ଧା ଜିଲ୍ଲାରେ ବି ମାତ୍ର ୪୧୮ ଭିକାରି ଅଛନ୍ତି । ଭୁବନେଶ୍ୱରକୁ ଭିକାରିମୁକ୍ତ କରିବାକୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବିଏମ୍‌ସି କହୁଥିବା ବେଳେ ରାମମନ୍ଦିର, ଶ୍ରୀୟା ଛକ, ରୁପାଲି ଛକ, ଏଜି ଛକ ଅର୍ଥାତ ଜନପଥରେ ଶିଶୁ ଓ ଭିକାରିମାନେ ଭିକ୍ଷାବୃତ୍ତି କରୁଥିବାର ଦେଖିବାକୁ ମିଳୁଛି । ବିଏମ୍‌ସିର ଜଣେ ଅଧିକାରୀଙ୍କ କହିବା ମୁତାବକ, ସହରକୁ ଭିକାରିମୁକ୍ତ କରିବା ପାଇଁ ରଙ୍ଗବଜାରରେ ଗୋଟିଏ, ଅନ୍ଧାରୁଆରେ ୩ଟି ଓ କାନନବିହାରରେ ଗୋଟିଏ ଏମିତି ସମୁଦାୟ ୫ଟି 'ଭିକ୍ଷୁକ ପୁନର୍ବାସ କେନ୍ଦ୍ର' ଖୋଲାଯାଇଛି । ଏହି ସବୁ କେନ୍ଦ୍ରରେ ମୋଟ୍ ୪୦୩ ଭିକାରିଙ୍କୁ ଉଦ୍ଧାର କରି ସେମାନଙ୍କୁ ଉତ୍ତମ ଚିକିତ୍ସା, ଖାଦ୍ୟ, ପୋଷାକ ସହ ରହିବାର ବ୍ୟବସ୍ଥା କରାଯାଇଛି । ଏଥିସହ ଜୀବିକାନିର୍ବାହ ପାଇଁ ବ୍ୟାଗ୍ ଓ ଫିନାଇଲ୍ ତିଆରି ଭଳି କାମର ତାଲିମ ମଧ୍ୟ ଦିଆଯାଉଛି । ପ୍ରତି ଭିକାରିଙ୍କ ପିଛା ଏଠାରେ ମାସକୁ ପ୍ରାୟ ୩୪୦୦ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଠିକ୍ ଠିକଣା ବୁଝି ସେମାନଙ୍କୁ ସେମାନଙ୍କ ଘରକୁ ବି ପଠାଯିବାର ବ୍ୟବସ୍ଥା କରାଯାଉଛି । 'ଏକାମ୍ର ନିଳୟ' ଯୋଜନାରେ ଗତ ୬ ମାସରେ ରାଜଧାନୀରୁ ୬୭ ଜଣ ଭିକାରିଙ୍କୁ ଉଦ୍ଧାର କରାଯାଇଛି । ଆଗକୁ ବିଏମ୍‌ସିର ଏହି ଅଭିଯାନ ଜାରି ରହିବ ଓ ରାଜଧାନୀ ନିହାତି ରୂପେ ଭିକାରିମୁକ୍ତ ହେବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି ।